ସାପ୍ତାହିକ
ସ୍ୱୀକାର
Postal Regd. No.: SBP/14/2019-2021
The Sweekar स्वीकार
ପ୍ରତିଷ୍ଠାତା ସମ୍ପାଦକ : ୪ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 20 | 13-19 June 2021 | Sambalpur | Page-12 | Invitation Price Rs.10

ବିନା ଭକ୍ତରେ ଏଥର ବି ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା

ସମ୍ବଲପୁର : କରୋନା ମହାମାରୀ ପାଇଁ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତଳ ଷଷ୍ଠୀ ସଂପନ୍ନ ହେବ । କୋଭିଡ କଟକଣା ମାନି ସମସ୍ତ ନୀତିକାନ୍ତ ପାଳନ କରାଯିବ ।

ଶୀତଳଷଷ୍ଠୀ ଯାତ୍ରା ହେଉଛି ସମ୍ବଲପୁରରେ ଏକ ପ୍ରସିଦ୍ଧ ପର୍ବ । ଏହି ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ଯୋଗ ଦେବା ସାଙ୍ଗକୁ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ପାଞ୍ଚ ହଜାର କଳାକାର ଯୋଗ ଦେଇ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥାନ୍ତି । ତେବେ କରୋନା ମହାମାରୀ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଫିକା କରି ଦେଇଛି ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ 'ପତରପେଣ୍ଡି' ସହିତ ସମ୍ବଲପୁରରେ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି । ନନ୍ଦପଡ଼ାର ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବା ଓ ଦୁର୍ଗାପାଲିର ଶ୍ରୀ ଶ୍ରୀ ଗୁଡେଶ୍ୱର ବାବାଙ୍କ ପତରପେଣ୍ଡି ଅନୁଷ୍ଠିତ ହୋଇଯାଇଛି । ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି ସଂପନ୍ନ ହୋଇଛି । ପାରମ୍ପରିକ ରୀତି ଅନୁଯାୟୀ ଶିବାଳୟରେ ପୂଜା ପରେ ବାବା ବାଲୁଙ୍କେଶ୍ୱରଙ୍କ ପାଇଁ ପାତ୍ରୀ ଅନ୍ୱେଷଣ ସକାଶେ ବରପିତା ରାମଚରଣ ମିଶ୍ର, ସପ୍ତର୍ଷି ଓ ପଡ଼ାର ମୁରବୀମାନେ କୋଭିଡ ନିୟମ ମାନି ନିରାଡମ୍ବର ଭାବରେ ପାତ୍ରୀ ଅନ୍ୱେଷଣରେ ବାହାରିଥିଲେ । ବରପିତା ଓ ସପ୍ତର୍ଷି ଶଙ୍ଖ ଧ୍ୱନୀରେ କନ୍ୟା ଘର ବୈଦ୍ୟନାଥ ଛକର ଗୋପାଳ ସାହୁ ଓ ପ୍ରମିଳା ସାହୁଙ୍କ ବାସଭବନରେ ପହଞ୍ଚିଥିଲେ । କନ୍ୟାପିତା ସେମାନଙ୍କୁ ପାଛୋଟି ନେଇଥିଲେ । ବରପକ୍ଷ ଆତିଥ୍ୟ ଗ୍ରହଣ ପରେ ସେମାନଙ୍କ ଆଗମନର ଅଭିପ୍ରାୟ କନ୍ୟା ପକ୍ଷଙ୍କୁ ଜଣାଇଥିଲେ । ବିବାହଯୋଗ୍ୟ ପୁତ୍ର ବାବା ବାଲୁଙ୍କେଶ୍ୱରଙ୍କ ପାଇଁ ଯୋଗ୍ୟା ପାତ୍ରୀ ଅନ୍ୱେଷଣରେ ସେମାନେ ଆସିଛନ୍ତି ବୋଲି ଜଣାଇଥିଲେ । ପ୍ରଚଳିତ ପ୍ରଥା ଅନୁସାରେ କନ୍ୟାପକ୍ଷ ବରପାତ୍ରଙ୍କ ଗୁଣଗ୍ରାମ ବାବଦରେ ଜାଣିବାକୁ ଚାହିଁଥିଲେ । ବରପିତା ଓ ସପ୍ତର୍ଷି ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ମହାଦେବଙ୍କ ମହିମା ବର୍ଣ୍ଣନା କରିଥିଲେ । ମହାଦେବଙ୍କ ମହିମା ଅବଗତ ହେବା ପରେ ସେମାନେ ପାର୍ବତୀଙ୍କୁ ବାଲୁଙ୍କେଶ୍ୱରଙ୍କୁ ଅର୍ପଣ କରିବାକୁ ସମ୍ମତି ଜଣାଇଥିଲେ । ବରପିତା ରାମଚରଣ ତମ୍ବା ଥାଳିରେ ଆଣିଥିବା ୭୨ ଟି ଶାଳପତ୍ର ସମ୍ବଳିତ ପେଣ୍ଡା (ବିଡା), ବେଲପତ୍ର, ଫୁଲ ଚନ୍ଦନ କନ୍ୟା ପିତା ଗୋପାଳ ଓ ମାତା ପ୍ରମିଳାଙ୍କୁ ପ୍ରଦାନ ପୂର୍ବକ ଦେବ ବିବାହ ପ୍ରସ୍ତାବ ଚୁଡାନ୍ତ କରିଛନ୍ତି । ପୂର୍ବ ବର୍ଷମାନଙ୍କରେ ଚଳିତ ବର୍ଷରେ ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ବାଜାଗାଜା, ରୋଷଣୀ, ଆତିଶବାଜି, ନୃତ୍ୟ, ସଙ୍ଗୀତ, ଭବ୍ୟ ଶୋଭାଯାତ୍ରା ଆୟୋଜନ କରାଯାଉଥିବା ବେଳେ କରୋନା ସଙ୍କଟକୁ ଧ୍ୟାନରେ ରଖି ସରକାରୀ ନିୟମାନୁଯାୟୀ ମାତ୍ର କିଛି ଲୋକଙ୍କ ଉପସ୍ଥିତିରେ ନିର୍ବନ୍ଧ ବିଧି ସଂପାଦନ କରାଯାଇଛି । ପୂଜାର୍ଚ୍ଚନା ଶଙ୍ଖ ଓ ହୁଳହୁଳି ଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମାଙ୍ଗଳିକ କାର୍ଯ୍ୟରେ ସପ୍ତର୍ଷି କାମପାଳ ହୋତା, ଚକ୍ରଧର ମିଶ୍ର, ଗୋଲକ ବିହାରୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅମର ପୂଜାରୀ ଓ ଭୁବନ ମୋହନ ମିଶ୍ର, ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର, ବିବାହ ପୂଜକ ଶଶାଙ୍କ ଶେଖର ମିଶ୍ର, ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରା ସମିତି ମୁଖ୍ୟ ସଂଯୋଜକ ଫଣୀଭୂଷଣ ମିଶ୍ର, ସୁରେଶ୍ୱର ମିଶ୍ର, ପ୍ରଫୁଲ୍ଲ ହୋତା, ଅମୂଲ୍ୟ ମିଶ୍ର, ସମୀର ରଞ୍ଜନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଦୁର୍ଗାପାଲି ସ୍ଥିତ ଶ୍ରୀ ଶ୍ରୀ ଗୁଡ଼େଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରାର 'ପତରପେଣ୍ଡି' ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ବରପିତା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ସପ୍ତଋଷି ଆଡ୍‌ଭୋକେଟ୍ ଦୀନଦୟାଳ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ହରିଶ ଅଗ୍ରୱାଲ, ଗୌରୀଶଙ୍କର ଦାଶ, ପ୍ରଦୀପ ତୁଲଶ୍ୟାନ, ରାଜକିଶୋର ମହାପାତ୍ର, ରାଜେନ୍ଦ୍ର ହୋତା (କଷ୍ଟଲି), ସତ୍ୟ ମେହେର କନ୍ୟା ଅନ୍ୱେଷଣରେ ଯାଇ ମନ୍ଦିର ପରିସରରେ ଥିବା ହଲ୍‌ରେ ପହଞ୍ଚିଥିଲେ । ସେଠାରେ ଚଳିତ ବର୍ଷ କନ୍ୟାପିତା ମାତା ହେବାର ସୌଭାଗ୍ୟ ଅର୍ଜନ କରିଥିବା କ୍ଷେତରାଜପୁର ନିବାସୀ ଶ୍ରୀ କୈଳାଶ ଅଗ୍ରୱାଲ ଏବଂ ତାଙ୍କ ଧର୍ମପତ୍ନୀ ସୁଷମା ବରପକ୍ଷକୁ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ । ବର ପକ୍ଷ କନ୍ୟା ସନ୍ଧାନରେ ଆସିଥିବା ସୂଚନା ଦେବା ପରେ ଉଭୟ ପକ୍ଷ ଆଲୋଚନା କରି ଶିବ ଓ ପାର୍ବତୀଙ୍କ ଗୁଣଗାନ କରିବା ପାଇଁ ସମ୍ମତି ଜଣାଇବା ପରେ ଉଭୟ ପକ୍ଷ ମଧ୍ୟରେ ଶାଳପତ୍ର ଓ ନାରିକେଳ ଆଦାନ ପ୍ରଦାନ ପୂର୍ବକ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା । କରୋନା କଟକଣାକୁ ଅନୁପାଳନ କରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୫ ତାରିଖ ଦିନ ରାତିରେ ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ । ଅନ୍ୟ ଶିବ ମନ୍ଦିର ମାନଙ୍କ ପତରପେଣ୍ଡି ରବିବାର ଦିନ ଅନୁଷ୍ଠିତ ହେବ । ତାପର ଦିନ ଗୁଆଗୁଣ୍ଡା ସାଙ୍ଗକୁ ୧୫ ତାରିଖ ରାତିରେ ଶିବ ବରାନୁଗମନରେ ଯାଇ ପାର୍ବତୀଙ୍କ ସହ ବୈଦିକ ରୀତିରେ ବିବାହ କରିବେ । ତାପର ଦିନ ଦେବ ଦମ୍ପତ୍ତି ଯୁଗଳ ଦର୍ଶନ ଦେବେ ଏବଂ ୧୭ ତାରିଖ ଦିନ ସ୍ୱ ସ୍ୱ ମନ୍ଦିରକୁ ପ୍ରବେଶ କରିବେ ।

ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା ଓ ଗୁଡେଶ୍ୱର ବାବାଙ୍କ ପତରପେଣ୍ଡି

ଦୁଇ ବର୍ଷ ହେବ ଶୀତଳଷଷ୍ଠୀ ଯାତ୍ରା ପାଇଁ ସରକାରୀ ଅନୁଦାନ ମିଳୁନାହିଁ

ସମ୍ବଲପୁର : ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଗତ ୨ ବର୍ଷ ହେବ ସରକାରୀ ଅନୁଦାନ ମିଳୁ ନ ଥିବାରୁ ଜନସାଧାରଣ ବିଶେଷ କରି ଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଗତ ୧୫ ବର୍ଷ ହେଲା ରାଜ୍ୟ ସରକାର ଏହି ଯାତ୍ରା ପାଇଁ ଆର୍ଥିକ ପ୍ରୋତ୍ସାହନ ଦେଇ ଆସୁଥିଲେ । କରୋନା ମାନ୍ଦାବସ୍ଥା ଆରମ୍ଭ ହେବାର ଆଗରୁ ସରକାରୀ ସହଯୋଗରେ ଗୁରୁତର ମାନ୍ଦାବସ୍ଥା ଆରମ୍ଭ ହୋଇ ସାରିଥିଲା । ସମ୍ବଲପୁର ଶୀତଳଷଷ୍ଠୀ ପ୍ରତି ସରକାରୀ କଳର ଉଦାସୀନତା କିଛି ବର୍ଷ ହେଲା ଜିଲ୍ଲା ପ୍ରଶାସନରେ ମଧ୍ୟ ପ୍ରତିଫଳିତ ହେଉଛି । ସମ୍ବଲପୁର ଶୀତଳଷଷ୍ଠୀ ମୁଖ୍ୟ ଶୋଭାଯାତ୍ରା ଆୟୋଜନ କରୁଥିବା ସାଢ଼େ ୪ ଶହ ବର୍ଷରୁ ମଧ୍ୟ ଅଧିକ ପୁରାତନ ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡ଼ାର ଲୋକନାଥ ଓ ମୁଦିପଡ଼ାର ଜାଗେଶ୍ୱର ବାବା ଷଷ୍ଠୀ କମିଟିଙ୍କୁ ୨୦୦୦ ମସିହାରେ ସରକାରୀ ଅନୁଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ୨୦୦୦ ମସିହାରେ ତତ୍କାଳୀନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ହାତରେ ଏହି ସ୍ୱାଗତଯୋଗ୍ୟ ପରମ୍ପରାର ମୂଳଦୁଆ ପଡିଥିଲା । ସେ ତିନି ପଡାକୁ ୫୦ ହଜାର ହିସାବରେ ଦେଢ଼ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦେଇଥିଲେ । ୨୦୦୦ ମସିହାରୁ ୨୦୧୮ ଯାଏ ସରକାରୀ ଅନୁଦାନ ନିରବଚ୍ଛିନ୍ନ ଭାବେ ଚାଲିଥିଲା । କିନ୍ତୁ ତା' ପର ବର୍ଷ ଅନୁଦାନ ବ୍ୟବସ୍ଥାକୁ ସଙ୍କୁଚିତ କରାଗଲା । ତା' ପରଠୁ ବନ୍ଦ କରି ଦିଆଗଲା । ରାଜ୍ୟ ସଂସ୍କୃତି ବିଭାଗ ୨୦୧୭ ରେ ତିନି ପଡ଼ାକୁ ୩ ଲକ୍ଷ ଓ ୨୦୧୮ ରେ ସାଢ଼େ ୪ ଲକ୍ଷ ଟଙ୍କା ଦେଇଥିଲେ । ୨୦୧୯ ରୁ ସଂସ୍କୃତି ବିଭାଗ ଅନୁଦାନ ବନ୍ଦ କରି ଦେଇଛି । ଦେବୋତ୍ତର ବିଭାଗ ୨୦୧୯ ରେ ଏହି ତିନି ପଡ଼ାକୁ ୧୫ ଲକ୍ଷ ଦେଇଥିଲା । କିନ୍ତୁ ୨୦୨୦ ମସିହାରେ କେବଳ ଝାଡୁଆପଡ଼ାକୁ ୨ ଲକ୍ଷ ଟଙ୍କା ଦେଇ ନନ୍ଦପଡ଼ା ଓ ମୁଦିପଡ଼ାକୁ ନିରାଶ କଲା । ଏହି ବିଭାଗ ଗତ ବର୍ଷରୁ ଅନୁଦାନ ପୁରା ବନ୍ଦ କରି ଦେଇଛି । କେନ୍ଦ୍ର ପେଟ୍ରୋଲିୟମ ବିଭାଗ ସମ୍ବଲପୁର ଶୀତଳଷଷ୍ଠୀ ମୁଖ୍ୟ ଶୋଭାଯାତ୍ରାକୁ ୨୦୧୬ରୁ ଅନୁଦାନ ଆରମ୍ଭ କରିଥିଲା । ପ୍ରଥମ ବର୍ଷ ୯ ଲକ୍ଷ, ୨୦୧୭ରେ ୧୫ ଲକ୍ଷ ଓ ଦ୍ୱିତୀୟ ବର୍ଷ ୩୦ ଲକ୍ଷ ଟଙ୍କା ଦେଇଥିଲା । କିନ୍ତୁ ଏହି ବିଭାଗ ୨୦୧୯ ମସିହାରୁ ଅନୁଦାନ ବନ୍ଦ କରି ଦେଇଛି ।

୨୦୦୪ ମସିହାରେ ବଡ଼ବଜାର ଶୀତଳେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହେବାର ୧୧ ବର୍ଷ ପରେ ଅର୍ଥାତ ୨୦୧୫ ମସିହାରେ ପ୍ରଥମ ସରକାରୀ ଅନୁଦାନ ପାଇଥିଲା । ରାଜ୍ୟ ଦେବୋତ୍ତର ବିଭାଗ ୨୦୧୫ ରେ ୧ ଲକ୍ଷ, ୨୦୧୬ ରେ ୨ ଲକ୍ଷ, ୨୦୧୭ ରେ ୩ ଲକ୍ଷ, ୨୦୧୮ ରେ ସର୍ବାଧିକ ୫ ଲକ୍ଷ ଟଙ୍କା ଦେଇ ୨୦୧୯ ରେ ୩ ଲକ୍ଷ ଓ ୨୦୨୦ ରେ ୨ ଲକ୍ଷକୁ ହ୍ରାସ କରିଥିଲେ । ଅବଶ୍ୟ ୨୦୦୪ ରୁ ୨୦୧୫ ମଧ୍ୟରେ ଦେବୋତ୍ତର

ବିଭାଗ ଥରେ ୨୦ ଲକ୍ଷ ଟଙ୍କା ଦେଇଥିଲା । ୨୦୧୮ ମସିହାରେ ରାଜ୍ୟ ସଂସ୍କୃତି ବିଭାଗ ୧ ଲକ୍ଷ ଟଙ୍କା ଓ କେନ୍ଦ୍ର ପେଟ୍ରୋଲିୟମ ବିଭାଗ ୪.୯୨ ଲକ୍ଷ ଟଙ୍କା ଏବଂ ୨୦୧୯ ରେ ସଂସ୍କୃତି ବିଭାଗ ୧ ଲକ୍ଷ ୩୫ ହଜାର ଟଙ୍କା ଓ କେନ୍ଦ୍ର ପେଟ୍ରୋଲିଅମ ମନ୍ତ୍ରାଳୟ ୩ ଲକ୍ଷ ୯୨ ହଜାର ଟଙ୍କା ଦେଇଥିଲେ । କିନ୍ତୁ ଏହି ଦୁଇ ବିଭାଗ ଦୁଇ ବର୍ଷ ହେଲା ଅନୁଦାନ ବନ୍ଦ କରିଛନ୍ତି ।

୨୦୦୫ ମସିହାରେ ଆରମ୍ଭ ହୋଇଥିବା ଠାକୁରପଡ଼ାର ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା ୧୩ ବର୍ଷ ପରେ ଅନୁଦାନ ପାଇଥିଲା । ୨୦୧୮ ମସିହାରେ ରାଜ୍ୟ ସଂସ୍କୃତି ବିଭାଗ ୧ ଲକ୍ଷ ଓ ଭାରତୀୟ ତୈଳ ନିଗମ ୪ ଲକ୍ଷ ଟଙ୍କା ସହାୟତା ଦେଇଥିଲେ । ୨୦୧୯ ମସିହାରେ ସଂସ୍କୃତି ବିଭାଗ ଲକ୍ଷେ ଟଙ୍କା ମାତ୍ର ଦେଇଥିଲା । ତା' ପରଠୁ ଅନୁଦାନ ବନ୍ଦ ହୋଇଯାଇଛି । ୩ ବର୍ଷ ତଳେ ଦେବୋତ୍ତର ବିଭାଗରୁ ୨ଲକ୍ଷ ଟଙ୍କା ଆସିଛି ବୋଲି କୁହା ଯାଇଥିଲା । କିନ୍ତୁ ସେ ଟଙ୍କା ଆଜି ପର୍ଯ୍ୟନ୍ତ ମିଳିନାହିଁ । ଦୁର୍ଗାପାଲିର ଶ୍ରୀ ଗୁଡେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ମଧ୍ୟ ଗତ କିଛି ବର୍ଷ ତଳେ ଦେବୋତ୍ତର ବିଭାଗ ପକ୍ଷରୁ ୧୫ ହଜାର ଟଙ୍କା ଅନୁଦାନ ମିଳିଥିଲା । ତେବେ ପରଠାରୁ ଏ ପର୍ଯ୍ୟନ୍ତ ଏହି ମନ୍ଦିରକୁ କୌଣସି ଅନୁଦାନ ମିଳିନାହିଁ ।

ଅନ୍ୟ ଅଞ୍ଚଳରେ ଶିବ ବିବାହ ବେଳେ ମନ୍ଦିରରେ ଖାଲି ପୂଜାଟିଏ କରୁଥିବା ମନ୍ଦିରଗୁଡିକକୁ ରାଜ୍ୟ ସରକାର ଶୀତଳ ଷଷ୍ଠୀ ନାମରେ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି । ଅଥଚ ବିଶ୍ୱପ୍ରସିଦ୍ଧ ବିଶାଳ ଶୀତଳଷଷ୍ଠୀ ଯାତ୍ରା ଆୟୋଜନ କରୁଥିବା ସମ୍ବଲପୁରକୁ ମଧ୍ୟ ସରକାର ସେମାନଙ୍କ ସହିତ ସମାନ ନିକିତିରେ ତଉଲୁଛନ୍ତି ଓ ସମାନ କିମ୍ବା କମ୍ ଅନୁଦାନ ଦେଉଛନ୍ତି । ଏବେ ସିନା ପ୍ରତ୍ୟେକ କଥାରେ କରୋନା ବାହାନା କରାଯାଉଛି । କିନ୍ତୁ ଶୀତଳ ଷଷ୍ଠୀ ଅନୁଦାନ କରୋନା ଆସିବା ପୂର୍ବ ବର୍ଷରୁ ଅର୍ଥାତ୍ ୨୦୧୯ ରୁ ବନ୍ଦ କରାଗଲାଣି ।

ଏ ସଂଖ୍ୟାରେ..

ସ୍ୱାସ୍ଥ୍ୟ ପାଇଁ ହିତକର କଦଳୀ

ପୁଦିନାର ଘରୋଇ ବ୍ୟବହାର

ସ୍ୱାସ୍ଥ୍ୟ ପାଇଁ ହିତକର ତରଭୁଜ

ସଜନା ଶାଗର ଖାଦ୍ୟ ସାର

ପଣସର ଉପକାରିତା

ଗତ ଆଠ ବର୍ଷ ଭିତରେ ଓଡ଼ିଶାରେ ମାଓବାଦୀଙ୍କ ଉତ୍ପାତ କମିଛି

ଭୁବନେଶ୍ୱର : ୨୦୦୦ ରୁ ୨୦୧୦ ମଧ୍ୟରେ ରାଜ୍ୟରେ ପାଖାପାଖି ୨ ହଜାରରୁ ଅଧିକ ନକ୍ସଲ ସକ୍ରିୟ ଥିଲେ । ସେ ସମୟରେ ମାଓ ନେତା ସବ୍ୟସାଚୀ ପଣ୍ଡାଙ୍କର ଦବ୍‌ଦବା ଥିଲା । କେତେବେଳେ ବିଧାୟକଙ୍କୁ ଅପହରଣ କରି ନେଉଥିଲେ ତ ଆଉ କେବେ ଅଫିସରଙ୍କୁ । କେବେ ପୁଣି ବିଦେଶୀ ପର୍ଯ୍ୟଟକଙ୍କୁ । ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଥିଲେ ନକ୍ସଲ । ୨୦୧୩ ମସିହା ବେଳକୁ ସରକାର କ୍ୟାଡର ନକ୍ସଲମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଦେଖିଥିଲେ ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪୦୦ ନକ୍ସଲ ସକ୍ରିୟ ଅଛନ୍ତି ।

ଇତି ମଧ୍ୟରେ ନକ୍ସଲ ଦମନ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସଂକଳ୍ପ ନେଇଥିଲେ ତା ଆଧାରରେ ଓଡ଼ିଶା ରଣନୀତି ପରିବର୍ତ୍ତନ କରିଛି ଏବଂ ବିକାଶକୁ ମୁଖ୍ୟ ଏଜେଣ୍ଡା ଭାବେ ନିଆଯାଇଛି । ପରିଣାମରେ ଆଜି ଦିନର ଚିତ୍ର ହେଲା ଗତ ୮ ବର୍ଷ ମଧ୍ୟରେ ଓଡ଼ିଶାରେ ନକ୍ସଲଙ୍କ ସଂଖ୍ୟା ପ୍ରାୟ ୮୨% କମିଯାଇଛି । ମାତ୍ର ୧୦ଟି ଜିଲ୍ଲାରେ ସେମାନଙ୍କ ଉପସ୍ଥିତି ରହିଛି । କନ୍ଧମାଳ ଏବଂ ମାଲକାନଗିରି ଜିଲ୍ଲା ସୀମାନ୍ତ ତୁଳସୀ ପାହାଡ଼ ଛାଡିଦେଲେ, ଅନ୍ୟ ଅଞ୍ଚଳରେ ସେମାନେ ସଂଖ୍ୟା ଦ୍ରୁତ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶାର ଦୁର୍ଗମ ଅଞ୍ଚଳର ଯେଉଁ ଲୋକମାନଙ୍କୁ ନକ୍ସଲମାନେ ଦାରିଦ୍ର୍ୟ କାରଣରୁ ଏକଦା ପ୍ରଭାବିତ କରି ଅଥବା ଡରାଇ ଧମକାଇ ସେମାନଙ୍କ କ୍ୟାଡରରେ ସାମିଲ କରୁଥିଲେ ତାହା ଆଉ ସମ୍ଭବ ହେଉନାହିଁ । ସ୍ଥାନୀୟ ଲୋକମାନେ ଥରେ ବିକାଶ ଦେଖିବା ପରେ ଏବେ ନକ୍ସଲଙ୍କୁ ପ୍ରତ୍ୟାଖ୍ୟାନ କରିବା ଆରମ୍ଭ କଲେଣି । ଏଣୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା, ଝାଡଖଣ୍ଡ ଆଦି ରାଜ୍ୟରେ ନକ୍ସଲ ଉତ୍ପାତ କରୁଥିବା ବେଳେ ଓଡ଼ିଶାରେ ସେମାନଙ୍କୁ ଜବରଦସ୍ତ ଝଟକା ଲାଗୁଛି । ନିକଟରେ ଛତିଶଗଡ଼ରୁ ଆସି ବରଗଡ଼ରେ ଗୋଟିଏ ୧୨ ରୁ ୧୪ ଜଣିଆ ନକ୍ସଲ ଦଳ ଯେବେ ଆଡ୍ଡା ଜମାଇବାକୁ ସଜବାଜ ଚଳାଉଥିଲେ, ତାଙ୍କ ଉପରେ ସେହି ରାତିରେ ହିଁ ଅଚାନକ ଆକ୍ରମଣ କରାଯାଇଥିଲା । ଏଥିରେ ଜଣେ ବରିଷ୍ଠ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଅନ୍ୟମାନେ ଛତିଶଗଡ଼ ଆଡକୁ ଲୁଚି ପଳାଇଛନ୍ତି ।

ଖବର ଅନୁସାରେ ଓଡ଼ିଶାରେ ଏବେ ମୁଖ୍ୟତଃ ୩ ଟି ରାଜ୍ୟ କମିଟି କାର୍ଯ୍ୟ କରୁଛନ୍ତି, ଯାହା ଅଧୀନରେ ପ୍ରାୟ ୯ ଟି ଡିଭିଜନ ଅଧୀନରେ ୨୫୮ ପାଖାପାଖି ନକ୍ସଲ ସକ୍ରିୟ ଅଛନ୍ତି । ଓଡ଼ିଶା ରାଜ୍ୟ କମିଟି ଅଧୀନରେ ୫ଟି, ଆନ୍ଧ୍ର ଓଡ଼ିଶା ବର୍ଡର ସ୍ପେସାଲ ଜୋନ୍ କମିଟି ଅଧିନରେ ୨ ଟି ଓ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନ୍ କମିଟି ଅଧିନରେ ୨ଟି ଡିଭିଜନ କାର୍ଯ୍ୟ କରୁଛି । ଏ ସମୁଦାୟ ଅଞ୍ଚଳରେ ମାତ୍ର ୨୩ ଜଣ ଓଡ଼ିଶା କ୍ୟାଡରଙ୍କୁ ବାଦ୍ ଦେଲେ ବାକି ସବୁ ଅନ୍ୟ ରାଜ୍ୟର । ଏକଦା ଶହ ଶହ ଓଡ଼ିଶା କ୍ୟାଡରର ନକ୍ସଲ ଅପରେସନରେ ସାମିଲ ହେଉଥିଲେ । ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ଘଟଣା ଏହାର ଏକ ବଡ଼ ଉଦାହରଣ ଥିଲେ ।

ବର୍ତ୍ତମାନ ଓଡ଼ିଶାରେ ସର୍ବାଧିକ ଛତିଶଗଡ଼ି ନକ୍ସଲ ସକ୍ରିୟ ଅଛନ୍ତି । ସେମାନେ ସଂଖ୍ୟା ୧୮୭ ପାଖାପାଖି

ରହିଛି । ଅନ୍ଧ୍ରପ୍ରଦେଶର ୧୮, ତେଲେଙ୍ଗାନାର ୧୨, ଝାଡଖଣ୍ଡର ୧୨, ମହାରାଷ୍ଟ୍ରର, ୪ ଏବଂ ପଶ୍ଚିମବଙ୍ଗର ଜଣେ ନକ୍ସଲ ଓଡ଼ିଶା ଅପରେସନରେ ଟିମରେ ଥିବା ସୂଚନା ମିଳିଛି । ବର୍ଷେ ତଳେ ଛତିଶଗଡ଼ର ୨୩୫ ଜଣ ଏବଂ ଆନ୍ଧ୍ର ପ୍ରଦେଶର ୩୫ ଜଣ ନକ୍ସଲ ଓଡ଼ିଶାରେ ସେମାନଙ୍କର ଆଡ୍ଡା ଜମାଇଥିଲେ । ସେହିଭଳି ଝାଡଖଣ୍ଡ ନକ୍ସଲଙ୍କ ସଂଖ୍ୟା ୩୯ ଥିଲା । ଏହା ସତ୍ତ୍ୱେ ନକ୍ସଲ ପ୍ରତି ସିନିୟର କ୍ୟାଡରଙ୍କୁ ଏବେ ୪୭ ଦେଇଥିବା ପୁଲିସ ଜାଣି ପାରିଛି । ଏଣୁ ସଂପ୍ରତି ନକ୍ସଲ ଅପରେସନ ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ ତଥା ପ୍ରଭାବୀ ଢ଼ଙ୍ଗରେ କରିବାକୁ ପଡୁଥିବା ଅପରେସନ ସହିତ ସାମିଲ ଅଧିକାରୀମାନଙ୍କୁ ସୂତ୍ରରୁ ଜଣାପଡିଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୧୮ ରେ ଦୁର୍ଦ୍ଦାନ୍ତ ନକ୍ସଲ ବାଦଲର ମୃତ୍ୟୁ ପରେ ନକ୍ସଲମାନଙ୍କର ଗତିବିଧିରେ ବଡ଼ ପରିବର୍ତ୍ତନ ଆସିଥିଲା । କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ବା କେକେବିଏନ୍ ଡିଭିଜନରେ ବୁଲୁଥିବା ପ୍ରାୟ ୪୦ ରୁ ଅଧିକ କ୍ୟାଡରର ନେତୃତ୍ୱ ବଦଳିଛି । ତେବେ ସେମାନେ ଆଉ ବୌଦ୍ଧ କିମ୍ବା ନୟାଗଡ଼ ନ ଆସି କନ୍ଧମାଳରୁ କଳାହାଣ୍ଡି ଦେଇ ରାୟଗଡ଼ା ପର୍ଯ୍ୟନ୍ତ ବୁଲୁଛନ୍ତି । ଯେହେତୁ ଛତିଶଗଡ଼ିଙ୍କ ସଂଖ୍ୟା ଅଧିକ, ଏଣୁ ସେମାନେ ତାଙ୍କ ରଣନୀତି ବଦଳାଇ ନିଜ ରାଜ୍ୟ ସଂଲଗ୍ନ ଅଞ୍ଚଳରେ ମାତ୍ରାଧିକ ସକ୍ରିୟ ଅଛନ୍ତି ।

ସେହିଭଳି ବଲାଙ୍ଗୀର - ବରଗଡ଼ ମହାସମୁଦ ଡିଭିଜନ ବା ବିବିଏମରେ ବି ଛତିଶଗଡ଼ି ରାଜ ଚାଲିଛି । ସେମାନଙ୍କୁ ଓଡ଼ିଶାରେ ସମର୍ଥନ ମିଳୁନାହିଁ । ଉଭୟ ସ୍ୱାଭିମାନ ଅଞ୍ଚଳ ଏବଂ ମାଲକାନଗିରି କୋରାପୁଟ ସଂଲଗ୍ନ ଅଞ୍ଚଳରେ କ୍ରମାଗତ ଅପରେସନ ଫଳସ୍ୱରୂପ ନକ୍ସଲ ସଂଗଠନ ଧୀରେ ଧୀରେ ସଙ୍କୁଚିତ ହେବା ଆରମ୍ଭ କରିଛି । ରାଜ୍ୟ ସରକାରଙ୍କ ନକ୍ସଲ ଆତ୍ମ ସମର୍ପଣ ଯୋଜନା ବେଶ୍ ଆକର୍ଷଣୀୟ । ଏଣୁ ସେମାନଙ୍କୁ ନକ୍ସଲ କ୍ୟାମ୍ପ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପୁଲିସ ଡିଜି ଆହ୍ୱାନ ଦେଇଛନ୍ତି । ଏହା ସତ୍ତ୍ୱେ ସେମାନେ ଯେବେ ସରକାରଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ମେଳି ହେଉଛନ୍ତି ସେ ସମୟରେ ପୁଲିସ ଅପରେସନ କରି ଦମନ କରୁଛି । କେବଳ ମାଲକାନଗିରି ଜିଲ୍ଲା ସଂଲଗ୍ନ ଅଞ୍ଚଳରେ ଇତିମଧ୍ୟରେ ୧୪ ଜଣ କ୍ୟାଡରଙ୍କୁ ଏନକାଉଣ୍ଟର କରାଯାଇଛି ।

ଉଲ୍ଲେଖଥାଉକି, ଓଡ଼ିଶାର ୩୦ଟି ଜିଲ୍ଲାରୁ ପାଖାପାଖି ୨୧ ଟି ଜିଲ୍ଲାରେ ନକ୍ସଲଙ୍କ ଗତିବିଧି ରହିଥିଲା । ସେ ମଧ୍ୟରୁ ୧୯ଟି ଜିଲ୍ଲା ପାଇଁ କେନ୍ଦ୍ର ସରକାର ସୁରକ୍ଷା ସଂପର୍କିତ ଅର୍ଥରାଶି ପ୍ରଦାନ କରୁଥିଲେ । ୨୦୧୮ ରେ ଯାଜପୁର, ଢ଼େଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, ଗଜପତି ଓ ଗଞ୍ଜାମକୁ ରାଜ୍ୟ ସରକାର ନକ୍ସଲ ମୁକ୍ତ ଜିଲ୍ଲା ବୋଲି ଘୋଷଣା କରିଥିଲେ ।

ଚୈତନ୍ୟ ଦାସ ଠାକୁରଙ୍କ ଦେହାନ୍ତ

ବୁର୍ଲା: ପଶ୍ଚିମ ଓଡ଼ିଶାର ଜଣାଶୁଣା ଆଧାତ୍ମିକ ବ୍ୟକ୍ତିତ୍ୱ ଚୈତନ୍ୟ ଦାସ ଠାକୁର (୭୧)ଙ୍କ ବୁର୍ଲା ବଡ଼ ଡାକ୍ତରଖାନାରେ ହୃଦଘାତରେ ପରଲୋକ ଘଟିଛି । ସ୍ୱର୍ଗତ ଠାକୁର ପରମ ସାଇଭକ୍ତ ଏବଂ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଅନୁଗାମୀ ଭାବରେ ପରିଚିତ । ସୁଲେଖକ ତଥା ଆଧାତ୍ମିକ ପତ୍ରିକା 'ଅଧାତ୍ମ ବାହିନୀ'ର ସଂପାଦକ ଶ୍ରୀ ଠାକୁର ୧୯୫୦ ମସିହାରେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ମଣ୍ଡଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସାଇଭକ୍ତ ତଥା ସମର୍ପିତ ଆଧାତ୍ମିକ ବ୍ୟକ୍ତିତ୍ୱ ସ୍ୱର୍ଗତ ଅଭୟ ପ୍ରସାଦ ଠାକୁରଙ୍କ ସୁପୁତ୍ର ଚୈତନ୍ୟ ଦାସ ରାଜେନ୍ଦ୍ର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କଲା ପରେ ସଇନ୍ତଲା ବ୍ଲକ ଟିକ୍ରାପଡ଼ା ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକତା କରି ଶେଷରେ ପ୍ରଧାନ ଶିକ୍ଷକ ପଦବିରେ ଅବସ୍ଥାପିତ ହୋଇ ଅବସର ନେଇଥିଲେ ।

କରୋନା ଲଢ଼େଇ ପାଇଁ ୫୦ କୋଟିର ପ୍ୟାକେଜ୍

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍ ଘୋଷଣା କରିଛନ୍ତି । ଏଥିରେ ୨୫ କୋଟି ଟଙ୍କାର କୋଭିଡ୍ ଉପକରଣ ସହ ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତାର ବ୍ୟବସ୍ଥା କରାଯାଇଛି ।

୧୧ଟି ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଅଗ୍ରଣୀ ଭୂମିକା ନେଇଥିବାରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେବା ସହ ଆଗକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ଆଶା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କୋଭିଡ୍ ମୁକାବିଲା ନିମନ୍ତେ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି । ଅକ୍ସିଜେନ୍ ଯୋଗାଣରେ ଓଡ଼ିଶା ନୂଆ ପରିଚୟ ସୃଷ୍ଟି କରିଛି । ଦେଶର ଅନେକ ଲୋକଙ୍କ ଜୀବନ ବଞ୍ଚାଇବାରେ ଓଡ଼ିଶା ସଫଳ ହୋଇଛି । 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ସିଦ୍ଧାନ୍ତକୁ ଫଳପ୍ରସୂ କରିବା ନିମନ୍ତେ ପ୍ରତ୍ୟେକ ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି । ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ବିକାଶ ନିମନ୍ତେ ବଲାଙ୍ଗିର ମେଡିକାଲ କଲେଜ ସ୍ଥାପନ କରାଯାଇଥିବା ବେଳେ ଓ କଳାହାଣ୍ଡିରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରକ୍ରିୟା ଜାରୀ ରହିଛି । ଏମସିଏଲ୍ ସହଯୋଗରେ ତାଳଚେରରେ ଓ ଏନଟିପିସି ସହଯୋଗରେ ସୁନ୍ଦରଗଡ଼ରେ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିପରି ବିଭିନ୍ନ ସ୍ଥାନରେ କୋଭିଡ୍ ଡାକ୍ତରଖାନା ସ୍ଥାପନ ସହ ବୁର୍ଲା ଓ ବଲାଙ୍ଗିରରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ, ବିଭିନ୍ନ ସ୍ଥାନରେ ଆରଟି ପିସିଆର ପରୀକ୍ଷାଗାର ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଡିଏମଏଫ୍ ପାଣ୍ଠିରୁ ସୁନ୍ଦରଗଡ଼ ଜିଲ୍ଲାରେ ମାଗଣା ଅଲଟ୍ରାସାଉଣ୍ଡ ଓ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ଝାରସୁଗୁଡ଼ାରେ କର୍କଟ ଚିକିତ୍ସା କେନ୍ଦ୍ର, ବରଗଡ଼ରେ କର୍କଟ ଡାକ୍ତରଖାନା ସ୍ଥାପନ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । ଯାହା ଫଳରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ପଶ୍ଚିମ ଓଡ଼ିଶାର ଲୋକଙ୍କୁ ଚିକିତ୍ସା ପାଇଁ ଦୂରକୁ ଯିବାକୁ ପଡିବ ନାହିଁ ଓ ସ୍ୱଳ୍ପ ବ୍ୟୟରେ ନିଜ ଅଞ୍ଚଳରେ ସେମାନେ ଚିକିତ୍ସିତ ହୋଇ ପାରିବେ । ଏହି ସ୍ୱତନ୍ତ୍ର କୋଭିଡ୍ ସହାୟତା ରାଶି ଓ ଉପକରଣ ଦ୍ୱାରା ପଶ୍ଚିମ ଓଡ଼ିଶାର ୧୧ ଟି ଜିଲ୍ଲାର ଚିକିତ୍ସା ଭିତ୍ତିଭୂମିର ବିକାଶ ହୋଇ ପାରିବ ଓ ସାଧାରଣ ଲୋକ ଉପକୃତ ହୋଇ ପାରିବେ । ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ବୌଦ୍ଧ, ସୋନପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ନିମନ୍ତେ ଜରୁରୀକାଳୀନ କୋଭିଡ୍ ଉପକରଣ କ୍ରୟ କରାଯାଇଛି । ଏହା ସହ ଭେଣ୍ଟିଲେଟର, ଅକ୍ସିଜେନ୍ ପାଇପଲାଇନ, ଅଟୋ ଆନାଲାଇଜର, ସିବିସି ମେସିନ୍, ଅକ୍ସିମିଟର ଆଦି ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍ ଘୋଷଣା କରି ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ନିରନ୍ତର ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କ ସହ ବିଧାୟକ ଓ ସାଂସଦମାନେ ଉପସ୍ଥିତ ଥିଲେ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

ଭାଗବତ

ଅକ୍ରୁରଙ୍କ ଆଗମନ

ଭଗବାନ କୁହନ୍ତି- ତୁ ଯେମିତି ଭାବରେ ଇଚ୍ଛା ସେମିତି ଭଜନ କର । କିନ୍ତୁ ଭଜନ ହିଁ କରୁଥା । ଆଉକାହା କଥା, ସ୍ତ୍ରୀ ପୁତ୍ର କଥା ଭାବିଲେ କିଛି କାମରେ ଆସିବ ନାହିଁ ।

ଜୀବ ଅତି କ୍ଷୁଦ୍ର, ନଗଣ୍ୟ । ଏହି ନଗଣ୍ୟ ଜୀବ ପୁଣି ପରମାତ୍ମାଙ୍କୁ କି ଭଳି ପ୍ରେମ କରିପାରିବ ? ପରମାତ୍ମା ଜୀବକୁ ଯେଉଁଭଳି ପ୍ରେମ କରନ୍ତି ସେପରି ପ୍ରେମ କ'ଣ କେବେ ଜୀବ ପରମାତ୍ମାଙ୍କୁ କରିପାରନ୍ତା ? ଭଗବାନ କହନ୍ତି, ଆରେ ଜୀବ । ତୁ ମୋତେ କେବେ କେବେ ପ୍ରେମ ବି କରୁଛୁ ? ମୁଁ ତ ଦିନରାତି ସବୁ ସମୟରେ ତୋତେ ହିଁ ନିରୀକ୍ଷଣ କରୁଛି । ଦିନରେ ମାତ୍ର ଦୁଇଥର ପାଇଁ ତୁ ମୋତେ ମନେପକାଉ ନାହୁଁ, ଧ୍ୟାନ କରୁନାହୁଁ, ଦର୍ଶନ କରିବାକୁ ମନବଳାଉ ନାହୁଁ ।

ଆରେ ପାଗଳା । ନିଜ ନିଜର ଜୀବନ ପାଇଁ, ପରିବାର ପାଇଁ କୁଆ କୁକୁର ବି ଜିଇବାରେ ଲାଗିଛନ୍ତି । ମନେରଖ ଜୀବ । ଯେ ଈଶ୍ୱରଙ୍କ ପାଇଁ ଜିଏଁ ତାର ଜୀବନ ଇ କେବଳ ସାର୍ଥକ ହୋଇଥାଏ ।

ଅକ୍ରୁରଙ୍କ ମନରେ ନାନା ଭାବନା, ଆକାଂକ୍ଷା ଓ କୃଷ୍ଣ ଦର୍ଶନ ନିମନ୍ତେ ଉଦବେଗର ସୀମା ଆଉ ନ ଥାଏ । ସେ ସବୁ କରୁଥାଆନ୍ତି ପୁଣି କୃଷ୍ଣ ଭାବନାରେ ତଲ୍ଲୀନ ରହିଥାନ୍ତି । ମନରେ ନାନା ଭାବନା ମଧ୍ୟରେ ଉଙ୍କି ମାରୁଥାଏ, 'କୃଷ୍ଣ ମୋ ଭଳି ପାପୀ ଆଉ ବିଳାସୀକୁ ଦର୍ଶନ ଦେବେ ନାହିଁ କି ? ମୋର ଯୌବନ ଅବସ୍ଥାରେ ମୁଁ କେତେ ନା କେତେ ପାପ କରିଛି, ତା'ର ତ କଳନା ନାହିଁ । ମୋତେ ଯଦି କୃଷ୍ଣ ଦର୍ଶନ ନ ଦିଅନ୍ତି ? ମୁଁ ପହଞ୍ଚିବା ଖବର ପାଇବାକ୍ଷଣି ଯଦି ଗୋକୁଳରେ କେଉଁଠି ଲୁଚିଯାଆନ୍ତି, ତେବେ ?

ଯୌବନରେ ଅନେକ ପାପ କରିଥିବା କଥା ସ୍ମରଣ କରି ଅକ୍ରୁର ମ୍ରିୟମାଣ ହୋଇ ଯାଉଥାନ୍ତି । ପୁଣି ମନକୁ ଆଶ୍ୱାସନା ଦେଇ କହୁଥାଆନ୍ତି, କୃଷ୍ଣ ତ ପତିତପାବନ । ସେ ନିଶ୍ଚୟ ମୋ ଭଳି ଏକ ପତିତକୁ ଉଦ୍ଧାର କରିବେ । ସେ ତ ଅନାଥର ନାଥ । ମୁଁ ଏବେ ଅନାଥ ହୋଇଯାଇଛି ବୋଲି କ'ଣ ସେ ଜାଣି ନ ଥିବେ । ନିଶ୍ଚୟ ଜାଣିଥିବେ ।

ଏହିପରି ଚିନ୍ତନ କରୁଥିବା ଅକ୍ରୁରଙ୍କ ପାଟିରୁ ସ୍ୱତଃ ବାହାରି ଆସିଥିଲା, ହେ ପ୍ରଭୁ । ମୁଁ ପତିତ । ଆପଣ ପତିତପାବନ । ମୋତେ ଉଦ୍ଧାର କରିବା ହୁଅନ୍ତୁ ।

ଅକ୍ରୁର ଏହିପରି ଚିନ୍ତନ କରି କରି ଯାତ୍ରା କରୁଥିବା ସମୟରେ ନାନା ଶୁଭ ଶକୁନ ଦେଖି ନିଜକୁ ନିଜେ ଆଶ୍ୱସ୍ତ କରୁଥିଲେ, ପ୍ରଭୁ ନିଶ୍ଚୟ ଦର୍ଶନ ଦେବେ ପ୍ରଭୁ ନିଶ୍ଚୟ ମୋତେ ତାଙ୍କରନିଜର କରିବେ । ଏହି ପାଦଚିହ୍ନ ତ ନିଶ୍ଚୟ ମୋ ପ୍ରଭୁଙ୍କର ହୋଇଥିବ । ସେ ତ ଖାଲିପାଦରେ ଗୋକୁଳରେ ବୁଲାବୁଲି କରନ୍ତି ବୋଲି ଶୁଣିଥିଲି ।

ଅକ୍ରୁର ଆଦିନାରାୟଣଙ୍କର ଚିନ୍ତନ କରୁଥିଲେ 'ଗୋକୁଳରେ ମୋ ପ୍ରଭୁ ଖାଲିପାଦରେ ଚଲାବୁଲା କରୁଛନ୍ତି, ମୁଁ ଅଧମ ରଥରେ ଚଢ଼ି ଯାଉଛି । ମୁଁ ସେବା କରିବା ପାଇଁ ନିଶ୍ଚୟ ଉପଯୁକ୍ତ ନୁହେଁ । ମୁଁ ମହାପାପୀ, ମୁଁ ଅଧମ । ମୁଁ ବୈଷ୍ଣବ ହୋଇ ପୁଣି କୃଷ୍ଣଙ୍କ ଚରଣ ଦର୍ଶନ କରିବାକୁ ଯାଉଛି, ମୁଁ ପୁଣି ରଥରେ ଚଢ଼ି ଯିବି କିପରି ?

ଅକ୍ରୁର ଏହିପରି ଭାବି ସହସା ରଥରୁ ଓହ୍ଲାଇ ପଡିଲେ । ସେ ଘୋଡାକୁ ହାତରେ ଟାଣି ଟାଣି ପାଦରେ ଚାଲିବାରେ ଲାଗିଲେ । ଗୋକୁଳରେ ପହଞ୍ଚିବା କ୍ଷଣି ଗୋକୁଳର ବାଲି ଆଉ ମାଟି ଆଣି ନିଜ ଦେହରେ ବୋଳି ହୋଇଗଲେ । ବ୍ରଜରଜର ମହିମା ଓ ମାହାତ୍ମ୍ୟ ବହୁତ, କାରଣ ପ୍ରଭୁଙ୍କ ପଦ ସାନ୍ନିଧ ଏହା ପାଇଛି ।

ଭଗବାନଙ୍କ ପାଇଁ ଅକ୍ରୁର ପାଗଳ ହୋଇଗଲେ । ପଇସା ପାଇଁ ପାଗଳ ନ ହେଲେ ଯେପରି ପଇସା ମିଳେ ନାହିଁ, ଠିକ୍ ସେହିଭଳି ପ୍ରଭୁଙ୍କୁ ପାଇବାକୁ ହେଲେ ପ୍ରଭୁଙ୍କ ପଛରେ ପାଗଳ ହୋଇଯିବାକୁ ହିଁ ପଡେ । ଯଦି ଆମକୁ ପାଗଳ ହେବାକୁ ପଡୁଛି, ଆମେ ପାଗଳ ହେବାକୁ ଯେହେତୁ ବାଧ, ତେବେ ପଇସା ପାଇଁ ପାଗଳ ହେବା ଅପେକ୍ଷା ପ୍ରଭୁଙ୍କ ପାଇଁ ପାଗଳ ହେବାଟା ଅଧିକ ଶ୍ରେୟସ୍କର ନୁହେଁ କି ?

ଲୋଭୀ ପଇସା ପାଇଁ ପାଗଳ ହୁଏ, କାମାନ୍ଧ ବ୍ୟକ୍ତି ଶରୀର ପାଇଁ ପାଗଳ ହୁଏ, ଭକ୍ତ ଭଗବାନଙ୍କ ପାଇଁ ପାଗଳ ହୁଏ । ଭଗବାନଙ୍କୁ ପାଇବା ପାଇଁ ଦେହର ସ୍ଥିତି, ସମାଜ ଆଉ ସଂସାରର ସ୍ଥିତି ବିସ୍ମରଣ ହୋଇଯିବା ଉଚିତ ।

'ଭଗବାନ ଯଦି ପାଦରେ ଚାଲୁଥିଲେ, ତେବେ ମୋତେ ଦଣ୍ଡବତ କରି କରି ପାଦରେ ଚାଲିଚାଲି ଯିବା ଉଚିତ ହେବ । ତେବେ ଯାଇ ମୋ ପାପ କଟିବ, ଏପରି ଭାବି ଅକ୍ରୁର ପାଦରେ ଚାଲୁଥିବାବସ୍ଥାରେ ଦଣ୍ଡବତ କରି କରି ଚାଲିଲେ ।

ଅକ୍ରୁର ହେଉଛନ୍ତି ବନ୍ଦନା ଭକ୍ତିର ଆଚାର୍ଯ୍ୟ ।

ବଦ୍ରିନାଥ ମାର୍ଗରେ ହନୁମାନଚଟ୍ଟୀ ନାମକ ସ୍ଥାନଟିଏ ପଡେ । ସେଠାରେ ପହଞ୍ଚିବାକ୍ଷଣି ଯାତ୍ରୀଙ୍କ ମନ ଭଗବତ୍ ଭାବ ବିହ୍ୱଳ ହୋଇଯାଏ । ମୁଁ ଭଗବାନଙ୍କ ମିଳନ ନିମନ୍ତେ ଯାଉଛି । କାଲି ତାଙ୍କ ସହିତ ଭେଟ ହେବ । ମୋ ଭଳି ପାପୀକୁ ମଧ୍ୟ ସେ ନିଜର କରିବେ । ଜଣା ଅଜାଣତରେ ମୁଁ ବହୁତ ପାପ କରି ପକାଇଛି । ମୁଁ ଦଣ୍ଡବତ କରି କରି ଯିବା ଉଚିତ । ଏପରି ଭାବି ଅନେକ ଯାତ୍ରୀ ଦଣ୍ଡବତ କରି କରି ଆଗକୁ ଯାତ୍ରା କରନ୍ତି ହନୁମାନଚଟ୍ଟୀ ଠାରୁ ।

ଶୁକଦେବ ବର୍ଣ୍ଣନା କରି କହୁଛନ୍ତି, ଆଦିନାରାୟଣଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହୋଇଉଠିଥିବା ଅକ୍ରୁର ଦଣ୍ଡବତ କରି କରି ଆଗେଇ ଚାଲିଲେ । ଏହା ହିଁ ପରମାତ୍ମାଙ୍କୁ ପ୍ରସନ୍ନ କରିବାର ଶ୍ରେଷ୍ଠ ଉପାୟ ।

ମଥୁରାରୁ ବାହାରିଥିବା ଅକ୍ରୁରଙ୍କୁ

ଗୋକୁଳରେ ପହଞ୍ଚି ପହଞ୍ଚି ସନ୍ଧ୍ୟା ହୋଇଯାଇଥିଲା । ଏତେ ସମୟ ଲାଗିବାର କାରଣ ସେ ବାଟଯାକ ଦଣ୍ଡବତ ପ୍ରଣାମ କରି କରି ଆସୁଥିଲେ ।

ଭଗବାନ ଅକ୍ରୁରଙ୍କ ମନୋରଥ ପୂର୍ଣ୍ଣ କଲେ । ଭଗବାନଙ୍କ ଉଦ୍ଦେଶ୍ୟରେ କରା ହୋଇଥିବା ଶୁଭ ସଂକଳ୍ପ ସେ ଅବଶ୍ୟ ପୂରଣ କରନ୍ତି ।

ମୃତ୍ୟୁ ସମୟରେ ଭଗବାନ ଆମକୁ ନେବାକୁ ଆସିବେ, ଏହିଭଳି ସଂକଳ୍ପ ଆମେ ସବୁବେଳେ କରୁଥିବା ଉଚିତ ।

ଖରାପ ସଂକଳ୍ପ ଯେତେବେଳେ ସିଦ୍ଧ ହୋଇପାରୁଛି ସେତେବେଳେ ଶୁଭ ସଂକଳ୍ପ ସିଦ୍ଧ ହେବନାହିଁ କାହିଁକି ?

ଅକ୍ରୁର ଦଣ୍ଡବତ ପ୍ରଣାମ କରି କରି ଗୁହାଳଘରେ ପହଞ୍ଚିଗଲେ । କାରଣ ଗୁହାଳଘରେ ଶ୍ରୀକୃଷ୍ଣଙ୍କର ଦର୍ଶନ ହେବ ବୋଲି ସେ ଭାବିଥିଲେ । ଦର୍ଶନ ବି ହେଲା । ମୁଁ ଜଣେ ମହାନ୍ ପାପୀ, ମୋତେ ଶରଣ ଦେବା ହୁଅନ୍ତୁ । ଏପରି କହିବା ପାଇଁ ସେ ଆତୁର ହୋଇ ଉଠିଥିଲେ । କିନ୍ତୁ ସେ ପଦେ ବୋଲି କିଛି କହି ପାରିଲେ ନାହିଁ । ସେ ଏପରି ଭାବାବେଶ ହୋଇଗଲେ, ତାଙ୍କର ହୃଦୟ ଏପରି ଆବେଗମୟ ହୋଇଗଲା ଯେ ପଦେ ବୋଲି ଶବ୍ଦ ତାଙ୍କ ମୁହଁରୁ ସ୍ଫୁରିଲା ନାହିଁ ଓ ସେ ସଂଜ୍ଞାହୀନ ହୋଇ ଯାଉଥିବା ଭଳି ବୋଧକରି ସିଧା ଶ୍ରୀକୃଷ୍ଣଙ୍କ ପାଦ ତଳେ ଲମ୍ବ ହୋଇ ପଡିଗଲେ । ସେ ଶ୍ରୀକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ଭାଗବତରେ ଲେଖା ହୋଇଛି-

ପପାତ ଚରଣୋପାନ୍ତେ ଦଣ୍ଡବତ୍ ରାମକୃଷ୍ଣୟୋଃ । (ଶ୍ରୀ ଭା.୧୦/୩୯/୩୪)

ପରମାତ୍ମାଙ୍କ ଆଖି ତ ସବୁବେଳେ ପ୍ରେମଭୋଗୀ ହିଁ ହୋଇଥାଏ । ସେ ଦେଖିଲେ ଅକ୍ରୁର ତାଙ୍କର ପୂର୍ଣ୍ଣ ଶରଣାପନ୍ନ ହୋଇ ଯାଇଛନ୍ତି ।

ଅକ୍ରୁର ପ୍ରଣାମ କରିବାବେଳେ ଚାହୁଥିଲେ ଯେ ଠାକୁରଙ୍କ ଶୁଭ ଦୃଷ୍ଟି ତାଙ୍କ ଉପରେ ଏପରି ପଡୁ ଯଦ୍ୱାରା ତାଙ୍କର ଅଶୁଭ ସଂକଳ୍ପ ନାଶ ହୋଇଯିବ ଓ ପାପ କରିବାକୁ ଆଉ କଦାପି ଇଚ୍ଛା ହେବନାହିଁ । ପ୍ରଭୁ ତାଙ୍କ ସ୍ୱହସ୍ତରେ ମସ୍ତକ ସ୍ପର୍ଶ କରନ୍ତୁ ଏପରି ଇଚ୍ଛା ମଧ୍ୟ ଅକ୍ରୁର କରିଥିଲେ ।

ପ୍ରଭୁ ତାଙ୍କର କଲ୍ୟାଣପ୍ରଦ ହସ୍ତ ଅକ୍ରୁରଙ୍କ ମସ୍ତକ ଉପରେ ସ୍ଥାପନ କରି ଧୀରେ ଧୀରେ ତାଙ୍କୁ ତଳୁ ଉଠାଇ ଠିଆ କରିଦେଲେ ଏବଂ କୁଣ୍ଠାଇ ପକାଇଲେ ।

ଅକ୍ରୁର ଭାବିଲେ ପ୍ରଭୁ ତାଙ୍କୁ ଦଦେଇ ବୋଲି ଡାକି ଠିଆ କରିବେ । ମାତ୍ର ମୋ ଭଳି ପାପୀକୁ କହ୍ନେଇ କାହିଁକି ଦଦେଇ ଡାକିବେ ଯେ । ଏପରି ଭାବନା ମଧ୍ୟ ତାଙ୍କୁ ମୁହୂର୍ତ୍ତକ ପାଇଁ ଗ୍ରାସ କରିଥିଲା ।

ପ୍ରଭୁକିନ୍ତୁ ଏତେ ସହଜରେ କାହାକୁ ନିଜର କରନ୍ତି ନାହିଁ । ଜୀବ ମନ୍ଦିରକୁ ଯାଏ, କହେ 'ପ୍ରଭୁମୁଁ ଆପଣଙ୍କର' କିନ୍ତୁ ଘରକୁ ଫେରି ନିଜ ସ୍ତ୍ରୀକୁ କହେ, ମୁଁ ଗୋଟିପଣେ ତୁମର । ଜୀବଠାରୁ ମୁର୍ଖ ସଂସାରରେ କେହି ନାହାନ୍ତି ।

ଭଗବାନ କିନ୍ତୁ ଅକ୍ରୁରଙ୍କ ମନୋଭାବ ଜାଣିଦେଲେ । ଦଦେଇ ବୋଲି ଡାକିଲେ ଅକ୍ରୁରଙ୍କ ଯଦି ଆନନ୍ଦ ମିଳିବ ତା ହେଲେ ମନ୍ଦ କ'ଣ ? ଜୀବ ମୋତେ ଯେଉଁ ଭାବରେ ଭଜନ କରେ ମୁଁ ମଧ୍ୟ ତାକୁ ସେହି ଭାବରେ ଭଜନ କରେ । ମୁଁ ଜୀବର ପିତା ଆଉ ପୁତ୍ର ମଧ୍ୟ ।

ଈଶ୍ୱରଙ୍କୁ ମହାନ୍ ବୋଲି କାହିଁକି କୁହାଯାଏ ? ଏହାର କାରଣ ସେ ଦୁରାଗ୍ରହୀ ନୁହନ୍ତି, ଅନାଗ୍ରହୀ । ଜୀବ ହିଁ ହେଉଛି ଦୁରାଗ୍ରହୀ । ଜୀବକୁ କିଛି ସମ୍ମାନ ବା ସମ୍ପତ୍ତି ମିଳିଯିବା କ୍ଷଣି ସେ ଦୁରାଗ୍ରହୀ ହୋଇଯାଏ ।

ଈଶ୍ୱରଙ୍କ ସହିତ ଯେଉଁ ଭଳି ସମ୍ପର୍କ ସ୍ଥାପନକରିବାକୁ ଇଚ୍ଛା କରାଯାଇପାରେ, ମାତ୍ର ସେ ବିଶ୍ୱାସଘାତକତା କଦାପି କରିବେ ନାହିଁ । ତାଙ୍କ ସହିତ ପିତା ପୁତ୍ର ସଖା ବନ୍ଧୁ ସେବକ ଯାହା ଇଚ୍ଛା ସେପରି ସମ୍ବନ୍ଧ ସ୍ଥାପନ କରାଯାଉ । କୌଣସି ପ୍ରକାର ସମ୍ବନ୍ଧ ସ୍ଥାପନ ନ କଲେ ଜୀବନ ସଫଳ ହୁଏନାହିଁ ।

ଶ୍ରୀକୃଷ୍ଣ ତାଙ୍କୁ ଦଦେଇ ବୋଲି ଡାକନ୍ତୁ- ଏହା ଅକ୍ରୁର ଚାହିଥିଲେ । ଶ୍ରୀକୃଷ୍ଣ ଅକ୍ରୁରଙ୍କ ମସ୍ତକରେ ହସ୍ତ ସଞ୍ଚାଳନ ପୂର୍ବକ କହିଲେ, ଦଦେଇ ଏଥର ଉଠନ୍ତୁ ତ ! ତାଙ୍କୁ ଭୂମିରୁ ଉଠାଇ ଆଲିଙ୍ଗନ କଲେ ।

ଜୀବ ଯେତେବେଳେ ଶରଣ ପଶେ ପ୍ରଭୁ ତାକୁ ନିଜ ବାହୁରେ ଆଲିଙ୍ଗନ କରିପକାନ୍ତି । ଅକ୍ରୁର ଆଜି ଭଗବାନଙ୍କ ଶରଣାପନ୍ନ, ଭଗବାନ ଅକ୍ରୁରଙ୍କ ସମସ୍ତ ମନୋକାମନା ପୂରଣ କରିଦେଲେ ।

ପ୍ରଭୁ ଶୁଭସଂକଳ୍ପକୁ ସବୁବେଳେ ସାକାର କରନ୍ତି । କାଠକଟାଳୀ ସ୍ତ୍ରୀ ସତ୍ୟନାରାୟଣ ବ୍ରତ କରିବବୋଲି ସଂକଳ୍ପ କରିବାକ୍ଷଣି ଠାକୁର ତାକୁ ସହାୟତା କରିଥିଲେ । ଶୁଭ ବିଚାର ସବୁବେଳେ ସାକାର ହୋଇଥାଏ । ଅକ୍ରୁରଙ୍କ ସମସ୍ତ ଇଚ୍ଛା ପୂରଣ ହେଲା । ଯାହାଙ୍କୁ ଅକ୍ରୁରଙ୍କ ଭଳି ଆଦର ମିଳିବ ସେ ଜୀବ ଧନ୍ୟ । ଜଗତର ଅନ୍ୟ ସମସ୍ତ ମାନପତ୍ର ବେକାର ହୋଇଥାଏ ।

ଜଗତର ମାନ ଅପମାନରେ ପ୍ରସନ୍ନ ଅପ୍ରସନ୍ନ ହେବା ନିରର୍ଥକ କଥା । ମୃତ୍ୟୁ ସମୟରେ ଜଗତର ମାନ ଅପମାନ କିଛି କାମରେ ଲାଗିବ ନାହିଁ । ଭଗବାନ ଯାହାକୁ ଆଦର କରନ୍ତି ତାର ମାନ ହିଁ ଚିରସ୍ଥାୟୀ ହୋଇଥାଏ ।

ଗୋଶାଳାରୁ ସମସ୍ତେ ଘରକୁ ଫେରିଲେ । ଭାଗବତରେ ବ୍ୟାସଦେବ ସତତର କି ସୁନ୍ଦର ବର୍ଣ୍ଣନା ନ କରିଛନ୍ତି । କୃଷ୍ଣ ବଳରାମ ତାଙ୍କ ଦଦେଇ ଅକ୍ରୁରଙ୍କ ଦୁଇ ହାତକୁ ଦୁଇପଟେ ଆଦରରେ ଧରି ଘରକୁ ନେଇଗଲେ ।

ବାୟୁ ପ୍ରଦୂଷଣରୁ ରକ୍ଷା ପାଇବାର ଉପାୟ

ପ୍ରଦୂଷଣର ସ୍ତର ବଢ଼ିବାରେ ଲାଗିଛି, ଏଥିରୁ ରକ୍ଷା ପାଇବାର ମୂଳ ଉପାୟ ହେଉଛି ନିଜ ଖାଦ୍ୟ ପାନୀୟ ବାବଦରେ ସତର୍କ ରହିବା । ସକାଳ ଜଳଖିଆରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ତଦାରଖ କରି ଖାଇବା ଉଚିତ ।

ସକାଳବେଳା ଚା' ପିଉଥିଲେ ଅଦା ରସ ୧ ଚାମଚ ମିଶାଇ ପିଅନ୍ତୁ । ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଏହି ଉପାୟ କଲେ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ ।

ସକାଳବେଳା ଖାଲିପେଟରେ ୪-୫ ଟି ତୁଳସୀପତ୍ର ଚୋବାଇ ଖାଇଲେ ମଧ୍ୟ ବାୟୁ ପ୍ରଦୂଷଣରୁ କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡି ନ ଥାଏ । ହଳଦୀ ଚିମୁଟାଏକୁ ଉଷୁମ ପାଣିରେ ମିଶାଇ ପ୍ରତିଦିନ ପିଅନ୍ତୁ । ଯକୃତ, ବୃକକ୍‌ଜନିତ ରୋଗରୁ ରକ୍ଷା ମିଳିବା ସହ ତ୍ୱଚା ସଂକ୍ରମଣର ଆଶଙ୍କା କମ୍ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ସଲଫର ତତ୍ତ୍ୱ ଭରପୂର ରସୁଣ ମଧ୍ୟ ସମସ୍ତ ବର୍ଗ ଓ ବୟସର ଲୋକ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ବିଳମ୍ବିତ ରାତ୍ରିରେ ଖାଇବାର ଅଭ୍ୟାସ ଆପଣଙ୍କ ଶରୀରକୁ ଦୁର୍ବଳ କରିପାରେ । ଏଣୁ ଦ୍ୱିପହର ୧ଟା ସୁଦ୍ଧା ଓ ରାତିରେ ଅତିବେଶୀରେ ୯ଟା ବେଳକୁ ଭୋଜନ କରିବା ଉଚିତ ।

ପରନିନ୍ଦା କରନ୍ତୁ ନାହିଁ

କିଛି ଲୋକଙ୍କର ପରନିନ୍ଦା କରିବା, ଅନ୍ୟମାନଙ୍କର ଆଲୋଚନା କରିବାର ଅଭ୍ୟାସ ଥାଏ । ଏପରି ଲୋକେ ସାମନାରେ କାହାକୁ ପ୍ରଶଂସା କରିବାର ଦେଖାଗଲେ ମଧ ପିଠି ପଛରେ ନିନ୍ଦା କରୁଥିବାର ଦେଖାଯାନ୍ତି । ବାସ୍ତବରେ ନିନ୍ଦା କରିବାର ଏହି ଅଭ୍ୟାସ ବ୍ୟକ୍ତି ମଧରେ ଦବି ରହିଥିବା କୁଣ୍ଠା ପରି ହୋଇଥାଏ, ଯାହା ନିନ୍ଦା କରିବା ମାଧମରେ ଅଭିବ୍ୟକ୍ତ ହୋଇଥାଏ । ଯେତେବେଳେ ବ୍ୟକ୍ତି ସ୍ୱୟଂ କିଛି କରିପାରେ ନାହିଁ, କୌଣସି କ୍ଷେତ୍ରରେ ସଫଳ ହୋଇପାରେ ନାହିଁ, ସେତେବେଳେ ସେ ଅନ୍ୟ ସଫଳ ଲୋକଙ୍କର ବା କାର୍ଯ୍ୟକୁଶଳ ଲୋକଙ୍କର କାର୍ଯ୍ୟଗୁଡିକରେ ଦୋଷ ବାହାର କରିବାରେ ଲାଗେ ଏବଂ ଧୀରେ ଧୀରେ ତା'ର ଯେ କୌଣସି ଜିନିଷର ଦୋଷ ବାହାର କରିବା, ଦୁର୍ବଳତା ଖୋଜିବାର ଅଭ୍ୟାସ ହୋଇଯାଏ । ଏଭଳି ଲୋକେ ଭଲା କାହାର ସାମନାରେ ଦୁଇ ପଦ ପ୍ରଶଂସାର କଥା କହିଲେ ମଧ ପରେ ତା'ର ଦୁର୍ବଳତା ଗୁଡିକ ବାହାର କରିବାରେ କିଛି ବାକି ରଖି ନ ଥାନ୍ତି ।

ଦୁର୍ବଳତା ଖୋଜିବା, ଦୋଷ ବାହାର କରିବା କୌଣସି ସହଜ କାର୍ଯ୍ୟ ନୁହେଁ । ଯେତେବେଳେ ବି କୌଣସି କଳାକାର କୌଣସି କଳାକୃତି ଗଢ଼ିଥାଏ, ତ ଯଥାସମ୍ଭବ ନିଜ କଳାକୃତିର ତ୍ରୁଟିଗୁଡିକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବାର ପ୍ରୟାସ କରିଥାଏ । କାର୍ଯ୍ୟକୁଶଳ ବ୍ୟକ୍ତି ନିଜ କାର୍ଯ୍ୟରେ କୁଶଳ ହେବାର କାରଣ ସେ ନିଜ କାର୍ଯ୍ୟରେ ତ୍ରୁଟିଗୁଡିକୁ ପ୍ରଶ୍ରୟ ଦେଇ ନ ଥାଏ, କୌଣସି ସଫଳ ବ୍ୟକ୍ତି ସଫଳ ହେବାର କାରଣ ସେ ନିଜ ସଫଳତାର ମାର୍ଗରେ ନିଜର ଦୁର୍ବଳତାଗୁଡିକୁ ଦୂର କରି ସେଗୁଡିକୁ ନିଜର ଶକ୍ତି ରୂପରେ ବଦଳାଇ ଦେଇଥାଏ, କିନ୍ତୁ ଜଣେ କୁଣ୍ଠାଗ୍ରସ୍ତ ବ୍ୟକ୍ତି ଯେକୌଣସି କଳାକାର, ଯେକୌଣସି କାର୍ଯ୍ୟକୁଶଳ ବ୍ୟକ୍ତି, ଯେକୌଣସି ସଫଳ ବ୍ୟକ୍ତିର କାର୍ଯ୍ୟଗୁଡିକରେ ବଡ଼ ସରଳତାର ସହିତ ଦୋଷ ଖୋଜିନିଏ ଏବଂ ସେଗୁଡିକୁ ଖୋଜି, ସେଗୁଡିକୁ କହିଦେଇ ସେ ଏଭଳି ପ୍ରସନ୍ନ ହୋଇଥାଏ, ଯେପରି ସେ ଦୋଷଗୁଡିକୁ ଉଜାଗର କରି କୌଣସି ବହୁତ ବଡ଼ କାର୍ଯ୍ୟ କରି ଦେଇଛି ।

ବାସ୍ତବରେ ନିଜର ଦୋଷଗୁଡିକୁ ଖୋଜିବା ଏକ କଳା । ନିଜର ତ୍ରୁଟିଗୁଡିକୁ ସ୍ୱୀକାର କରିବା ଓ ସେଗୁଡିକୁ ଦୂର କରିବା ମଧ ବ୍ୟକ୍ତିକୁ ଆସୁଥିବା ଦରକାର । ଦୋଷ ବାହାର କରୁଥିବା ବ୍ୟକ୍ତି ପ୍ରତି ମନ ମଇଳା ନ କରିବା ଉଚିତ । ଏପରି ଲୋକଙ୍କ ସହିତ ମିତ୍ରତା କି ଶତ୍ରୁତା କରିବା ଅନୁଚିତ । ମିତ୍ରତା ଏଥିପାଇଁ କରିବା ଅନୁଚିତ, କାରଣ ଏମାନେ ସର୍ବଦା ଦୋଷ ବାହାର କରିବେ, ଯଦ୍ୱାରା ବ୍ୟକ୍ତି ନିଜର ଏତେ ସବୁ ଦୋଷକୁ ଦେଖି ନିରାଶ ହୋଇଯିବ ଏବଂ ନିଜର ବିଶେଷତା ବିଷୟରେ ଚିନ୍ତା କରି ପାରିବ ନାହିଁ । ଶତ୍ରୁତା ଏଥିପାଇଁ କରିବା ଅନୁଚିତ, କାରଣ ଯଦି ଏପରି ଲୋକଙ୍କ ସହିତ ଶତ୍ରୁତା କରାଯାଏ, ତ ପ୍ରତିକ୍ଷଣ ଏମାନେ ଆମ ମନରେ ବସି ରହିବେ ଓ ମନରେ ଆମେ ଏମାନଙ୍କୁ ହିଁ ସ୍ମରଣ କରୁଥିବା । ତେଣୁ ଏପରି ଲୋକଙ୍କର ଉପେକ୍ଷା କରିବା ଦରକାର । ନିକଟକୁ ଆସିଲେ ତଟସ୍ଥ ଭାବରେ ଏମାନଙ୍କ ସହିତ ବ୍ୟବହାର କରିବା ଉଚିତ ।

ବିଶ୍ୱପ୍ରସିଦ୍ଧ ପୁସ୍ତକ 'ହାଓ ଯୁ ୱିନ୍ ଫ୍ରେଣ୍ଡସ୍ ଆଣ୍ଡ ଇନଫ୍ଲୁ ଏନ୍ସ ପିପୁଲ'ର ଲେଖକ ଡେଲ କାର୍ନେଗୀଙ୍କ ଅନୁସାରେ 'ଆଲୋଚନା ଅହଂ ତୁଷ୍ଟିର ସବୁଠାରୁ ସହଜ ଉପାୟ' । ଆଲୋଚନା କରିବାର ଅଭ୍ୟାସ ଯେଉଁ ଲୋକଙ୍କର ଥାଏ, ସେମାନଙ୍କ ଆତ୍ମ ବିଶ୍ୱାସ ଦ୍ରୁତ ବେଗରେ କମିଥାଏ ବଢ଼ିଥାଏ । ସେମାନଙ୍କୁ ସ୍ୱୟଂ ନିଜ ଉପରେ, କାମ ଉପରେ ବିଶ୍ୱାସ କରିବା ପାଇଁ ଅନ୍ୟ ନାମର ଆବଶ୍ୟକତା ପଡିଥାଏ ।

ମନୋବୈଜ୍ଞାନିକ ଚିକିତ୍ସକ ଡାକ୍ତର କାର୍ଲ ରୋଜର୍ସଙ୍କ ମତରେ ସର୍ବଦା ପରନିନ୍ଦା କରିବାର ଅଭ୍ୟାସ ଯେଉଁ ବ୍ୟକ୍ତିମାନଙ୍କର ଥାଏ, ସେମାନଙ୍କ ମନରେ ଉକ୍ତ ବ୍ୟକ୍ତି ପ୍ରତି ବିପରୀତ ଭାବନା ଯେ ଥିବ, ଏହା ଜରୁରୀ ନୁହେଁ । ସ୍ୱଭାବରେ ଉଗ୍ର ଓ ଅଶାନ୍ତ ବ୍ୟକ୍ତିର କଥା କେତେ ଦୂର ପର୍ଯ୍ୟନ୍ତ ଯାଇପାରେ ଏବଂ ଅନ୍ୟମାନଙ୍କ ଉପରେ କେତେ ପ୍ରଭାବ ପକାଇ ପାରେ ଏହି ଅନୁଭବ ତା'ର ନ ଥାଏ ।

ଆଜି ଯଦି ଦେଖାଯାଏ ତ ଅନ୍ୟମାନଙ୍କ ନିନ୍ଦା ବା ଆଲୋଚନା କରିବାର ପ୍ରଥା ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ରହିଛି । ନିଜକୁ ବଡ଼ ବୋଲାଇବା, ଅନ୍ୟମାନଙ୍କୁ ଛୋଟ ଦେଖାଇବା ଏକ ସାଧାରଣ କଥା । ଯେଉଁ କ୍ଷେତ୍ରରେ ଯେତେ ଅଧିକ ପ୍ରତିଦ୍ୱନ୍ଦିତା ଓ ପ୍ରତିସ୍ପର୍ଦ୍ଧା ଅଛି, ସେଠାରେ ସେତିକି ମିଥ୍ୟା ଓ ପ୍ରପଞ୍ଚ ପୂର୍ଣ୍ଣ ବାତାବରଣ ଠିଆ କରାଯାଏ । ଏପରି ଲୋକଙ୍କୁ ସହଜରେ ଚିହ୍ନି ହୋଇଯାଏ, ଯେଉଁମାନେ ସର୍ବଦା ଅନ୍ୟମାନଙ୍କୁ କାଟି ନିଜ ରାସ୍ତା ମଜଭୁତ କରିବାରେ ଲାଗିଥାନ୍ତି । ଏହା ଦ୍ୱାରା କ'ଣ ସେମାନଙ୍କର ଲାଭ ହୋଇଥାଏ ? ଅନ୍ୟମାନଙ୍କ ଉପଲବ୍ଧି ଉପରେ ପାଦ ରଖି ଆଗକୁ ବଢୁଥିବା ଲୋକଙ୍କୁ କ'ଣ ଦୁନିଆ ସ୍ୱୀକାର କରେ ? ଏହାର ଉତ୍ତର ହିଁ ବା ନା ହୋଇପାରେ, କିନ୍ତୁ ସତକଥା ହେଲା ଆଜି ଆମ ସମାଜରେ ଏପରି ଲୋକଙ୍କ ସଂଖ୍ୟା ବଢ଼ି ଚାଲିଛି, ଯେଉଁମାନେ ଆଗକୁ ବଢ଼ିବା ହେତୁ ଠିକ୍ ଭୁଲର ବିଚାର ନ କରି କିଛି ବି କରିବା ପାଇଁ ପ୍ରସ୍ତୁତ ଥାଆନ୍ତି ।

ଲୋକେ ସଫଳ ହେବାକୁ ଚାହାନ୍ତି, ଯଶସ୍ୱୀ ହେବାକୁ ଚାହାନ୍ତି ଏବଂ ଏହି ମାର୍ଗରେ ସେମାନଙ୍କ ସାମନାରେ ଯେଉଁ ସବୁ ବଡ଼ ବାଧା ଆସିଥାଏ, ସେଥିରୁ ବର୍ତ୍ତିଯାଇ ଆଗକୁ ଚାଲିଯିବାକୁ ଚାହାନ୍ତି ଓ ଛୋଟ ବାଧାଗୁଡିକୁ ନିଜ ରାସ୍ତାରୁ ହିଁ ହଟାଇ ଦେବାକୁ ଚାହାନ୍ତି, କାରଣ ଲୋକେ ବାଧାଗୁଡିକ ମଧରେ ଅତିକ୍ରମ କରିବାକୁ ଚାହାନ୍ତି ନାହିଁ, ଏତେ ସଂଘର୍ଷ କରିବାକୁ ଚାହାନ୍ତି ନାହିଁ, ତେଣୁ କଠିନତାକୁ ସ୍ୱୀକାର କରିବା ପରିବର୍ତ୍ତେ, ତା ସହିତ ସଂଘର୍ଷ କରିବା ପରିବର୍ତ୍ତେ, ସେମାନଙ୍କୁ ଯେଉଁ ରାସ୍ତା ସରଳ ମନେହୁଏ, ଭଲା ତାହାକୁ ଭୁଲ ହୋଇଥିଲେ ମଧ, ତାହାକୁ ସ୍ୱୀକାର କରିନେବାରେ ସଂକୋଚ କରନ୍ତି ନାହିଁ ।

ମହାଭାରତ ଉପରେ ଯଦି ଦୃଷ୍ଟି ବୁଲାଇବା ତ ସେଥିରେ ଗୋଟିଏ ପାତ୍ର 'ଶକୁନି' ଏପରି ଥିଲା ଯିଏ ବହୁତ କୁଟିଳ, ଚାଲାଖି, ଧୂର୍ତ୍ତ ଓ ଷଡ଼ଯନ୍ତ୍ର କରିବା ରଚିବାରେ ନିପୁଣ ଥିଲା । ଶକୁନି ଗାନ୍ଧାର ନରେଶ ଥିଲା, ତା'ର ପ୍ରିୟ ଭଉଣୀ ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହିତ ହୋଇଯାଇଥିଲା ଯିଏ ନେତ୍ରହୀନ ଥିଲେ । ନିଜର ନେତ୍ରହୀନ ପତିଙ୍କ ସମର୍ଥନରେ ଗାନ୍ଧାରୀ ମଧ ନିଜ ଆଖି ଉପରେ ଆଜୀବନ ପଟି ବାନ୍ଧି ଦେଇଥିଲେ । ଯେହେତୁ ଧୃତରାଷ୍ଟ୍ରଙ୍କ ବିବାହ ପ୍ରସ୍ତାବ ଗଙ୍ଗାପୁତ୍ର ଭୀଷ୍ମ ନେଇ ଗାନ୍ଧାର ଯାଇଥିଲେ, ସେଥିପାଇଁ ଧୃତରାଷ୍ଟ୍ର ଅନ୍ଧ କିମ୍ବା ନୁହେଁ, ଏହା ନ ଜାଣି ଗାନ୍ଧାରୀଙ୍କ ସହିତ ବିବାହ ହୋଇଗଲା । ବିବଶତାବଶତଃ ବିବାହ ପ୍ରସ୍ତାବ ସ୍ୱୀକାର କରିବାର ଯେଉଁ କୁଣ୍ଠା ଶକୁନି ମନରେ ଉତ୍ପନ୍ନ ହେଲା, ତାହାର ଫଳସ୍ୱରୂପ ଶକୁନି ମନେ ମନେ ସଂକଳ୍ପ ନେଲା ଯେ ହସ୍ତିନାପୁରର ମୂଳକୁ ସେ ଦୋହଲାଇ ଦେବ ଏବଂ ନିଜର କୁଟିଳ ଚାଲ ବଳରେ ଦିନେ ହସ୍ତିନାପୁରର ବିନାଶ କରିଦେବ ।

ଏହି କାରଣରୁ ଗାନ୍ଧାର ନରେଶ ହୋଇ ମଧ ଶକୁନି ପ୍ରାୟ ହସ୍ତିନାପୁରରେ ରହିଲା ଓ ପିଲାଦିନରୁ ହିଁ ସେ ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନର ମନରେ ବିଷ ବୀଜ ବୁଣି ଚାଲିଲା । ଶକୁନି ପାଖରେ ଗଙ୍ଗାପୁତ୍ର ଭୀଷ୍ମଙ୍କ ସମାନ ବଳ ଓ ପରାକ୍ରମ ନ ଥିଲା, ନିଜ ବଳରେ ସେ କାହାକୁ ବି ପରାଜିତ କରିପାରି ନ ଥାନ୍ତା, ସେଥିପାଇଁ ସେ ଅନ୍ୟମାନଙ୍କ ସମାନରେ ବହୁତ ବଢ଼େଇ କରୁଥିଲା, ମିଠା ମିଠା କଥା କହୁଥିଲା, କିନ୍ତୁ ଦୁର୍ଯ୍ୟୋଧନ ଓ ତା'ର ଭାଇମାନଙ୍କ ମଧରେ ସେ ଅନ୍ୟମାନଙ୍କ ନିନ୍ଦା କରୁଥିଲା ଓ ଭଳିକିଭଳି ଷଡ଼ଯନ୍ତ୍ର କରୁଥିଲା ।

ଦୁର୍ଯ୍ୟୋଧନର ଯୁବରାଜ ହେବା ରାସ୍ତାରେ ସବୁଠାରୁ ବଡ଼ ଅବରୋଧ ପାଣ୍ଡବମାନେ ଥିଲେ ତେଣୁ ସେମାନଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଶକୁନି ବହୁତ ସରଞ୍ଜାମ ଜୁଟାଇଲା, ଯେପରି ଭୀମକୁ କ୍ଷୀରରେ ବିଷ ପିଆଇଲା । ପାଣ୍ଡବମାନଙ୍କୁ ଅଗ୍ନିରେ ଭସ୍ମ କରିଦେବା ହେତୁ ଲାକ୍ଷା ଗୃହର ଷଡ଼ଯନ୍ତ୍ର କଲା, ଦ୍ୟୁତକ୍ରୀଡ଼ା ମାଧମରେ ପାଣ୍ଡବଙ୍କୁ ଅପମାନିତ କଲା, ସେମାନଙ୍କର ସମସ୍ତ ରାଜ୍ୟ ନେଇଗଲା । ଏସବୁ ଷଡ଼ଯନ୍ତ୍ରର ପରିମାଣ ସ୍ୱରୂପ ମହାଭାରତ ଯୁଦ୍ଧ ହେଲା, ଯେଉଁଥିରେ ତା'ର ବି ବିନାଶ ହୋଇଗଲା । ଏହିପରି ଯିଏ ଅନ୍ୟ ପାଇଁ ଗାତ ଖୋଳେ, ଦିନେ ନା ଦିନେ ସେଇ ଗାତରେ ସେ ପଡିଯାଏ । ଯିଏ ଅନ୍ୟର କ୍ଷତି କରିବା କଥା ଚିନ୍ତା କରେ, କୌଣସି ନା କୌଣସି ରୂପେ ତା'ର ନିଜର ହିଁ କ୍ଷତି ହୋଇଥାଏ ।

ହ୍ୟାରୀ ପୋଟର ସିରିଜର ଲେଖିକା ଜେ.କେ ରୋଲିଙ୍ଗସ ନିଜର ଅନୁଭବକୁ ସାଉଁଟି ଲେଖିଛନ୍ତି ମୁଁ ଜୀବନ ସାରା ଏପରି ଲୋକମାନଙ୍କ ସହିତ ଲଢ଼େଇ କରିଛି, ଯେଉଁମାନେ ମୋର ଲେଖନୀକୁ ନିକୃଷ୍ଟ, ନିମ୍ନକୋଟିର ଓ ଅବିଶ୍ୱସନୀୟ କହୁଥିଲେ । ଏହି ଲୋକମାନେ ମୁହଁ ଉପରେ ମୋର ପ୍ରଶଂସା କରନ୍ତି ଓ ପିଠି ପଛରେ ନିନ୍ଦା କରନ୍ତି । ଏହା ଦ୍ୱାରା କ'ଣ ମୋର କ୍ଷତି ହେଲା ? ନା, ବରଂ ଲାଭ ହେଲା । ମୁଁ ବିନା କାରଣରେ ଅନେକ ଲୋକଙ୍କ ସ୍ମରଣରେ ରହିଗଲି ।

ବାସ୍ତବରେ ଆଲୋଚନାଗୁଡିକର ଜବାବ ଦେବାରେ ଯେଉଁ ଶକ୍ତି ଖର୍ଚ୍ଚ ହୋଇଥାଏ, ତଦ୍ୱାରା ଅନେକ ରଚନାତ୍ମକ କାମ କରାଯାଇପାରେ । ତେଣୁ ଯେଉଁମାନେ ଆଲୋଚନା ଗୁଡିକର ଜବାବ ଦେବାରେ ଲାଗିଯାନ୍ତି, ସମୋନେ ଭୁଲ କରନ୍ତି ଏବଂ ଯେଉଁମାନେ ଆଲୋଚନାଗୁଡିକୁ ଖାତିର ନ କରି ନିଜ କାର୍ଯ୍ୟରେ ଧାନ ଦିଅନ୍ତି ସେମାନେ ହିଁ କିଛି ଭଲ କରି ପାରନ୍ତି । ସେଥିପାଇଁ ଆଲୋଚନା ଗୁଡିକୁ ଶୁଣିବା ଉଚିତ । ଯଦି ବାସ୍ତବରେ ଆଲୋଚନା ଅନୁସାରେ ଆମ ଭିତରେ ତ୍ରୁଟି ଥାଏ । ତେବେ ସେଗୁଡିକୁ ଦୂର କରିବାର ପ୍ରୟାସ କରିବା ଆବଶ୍ୟକ, ଆଲୋଚନାକାରୀର ନିନ୍ଦା କରିବା ଅନୁଚିତ ।

ବିଦ୍ୱାନ୍ ପୁରୁଷମାନଙ୍କ ମତରେ ଆପଣ ନିଜର ଶକ୍ତି କିପରି ଖର୍ଚ୍ଚ କରିବେ ଏହା ଆପଣଙ୍କ ଉପରେ ନିର୍ଭର କରେ । ଯଦି ଆପଣ ନିଜର ଶକ୍ତିକୁ ପରନିନ୍ଦାରେ ଖର୍ଚ୍ଚ କରିଦେବେ, ତାହାହେଲେ ମନେ ରଖନ୍ତୁ ଯେ ଏହା ଦ୍ୱାରା ଅନ୍ୟ ବ୍ୟକ୍ତିର କୌଣସି କ୍ଷତି ହେବ ନାହିଁ, ବରଂ ଆପଣଙ୍କର ହିଁ ଦୁଇ ଗୁଣ କ୍ଷତି ହେବ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ଆଜିର ଚିନ୍ତନ

ମହାଭାରତର ମହାସମର ସମାପ୍ତ ହୋଇ ଯାଇଥିଲା । ଗଙ୍ଗାପୁତ୍ର ଭୀଷ୍ମ, ଧର୍ମରାଜ ଯୁଧିଷ୍ଠିରଙ୍କୁ ତତ୍ତ୍ୱୋପଦେଶ ଦେବା ପରେ, ରାଜଧର୍ମ ନୀତିଜ୍ଞାନର ଶିକ୍ଷା ଦେବା ପରେ ମହାପ୍ରୟାଣ କରି ସାରିଥିଲେ । ମହର୍ଷି ବେଦବ୍ୟାସଙ୍କ ସମେତ ଅନ୍ୟ ଋଷିଗଣ ଯୁଧିଷ୍ଠିରଙ୍କୁ ସମ୍ରାଟ ପଦରେ ଅଭିଷିକ୍ତ କରି ଦେଇଥିଲେ ।

ଏହା ସମ୍ରାଟ ଯୁଧିଷ୍ଠିରଙ୍କର ଦ୍ୱିତୀୟ ଅଭିଷେକ ଥିଲା । ପ୍ରଥମେ ସେ ରାଜସୂୟ ଯଜ୍ଞ କରିବା ପରେ ଇନ୍ଦ୍ରପ୍ରସ୍ଥ ନଗରୀରେ ସମ୍ରାଟ ପଦ ଗ୍ରହଣ କରି ସାରିଥିଲେ । ସେ ସମୟରେ ଚାରିଆଡେ ଖୁସିର ଲହରୀ ଥିଲା । ଋଷି, ଭକ୍ତ ଓ ଜ୍ଞାନୀ, ତପସ୍ୱୀମାନଙ୍କର ମହାସମୁଦାୟ ବି ଏକାଠି ହୋଇଥିଲା । ଚାରିଆଡେ ଉଲ୍ଲାସ ଖେଳି ଯାଇଥିଲା । ଏହି ହର୍ଷୋଲ୍ଲାସ ମଧରେ ଧର୍ମରାଜ ଯୁଧିଷ୍ଠିର, ମହାରାଣୀ ଦ୍ରୌପଦୀଙ୍କ ସହିତ ରାଜସିଂହାସନ ଉପରେ ଆସୀନ ହୋଇଥିଲେ । ଅବସର ଆଜି ବି କିଛି ସେହିପରି ଥିଲା, ପୁନଶ୍ଚ ମହାରାଜ ଯୁଧିଷ୍ଠିର ଓ ମହାରାଣୀ ଦ୍ରୌପଦୀ ରାଜସିଂହାସନ ଉପରେ ଆସୀନ ଥିଲେ । ବନ୍ଦୀଜନ ସମ୍ରାଟଙ୍କ ଜୟଘୋଷ କରୁଥିଲେ । ମହାବୀର, ମହାଜ୍ଞାନୀ, ମହାତପସ୍ୱୀଙ୍କ ଦ୍ୱାରା ସର୍ବଦା ସୁଶୋଭିତ ରହୁଥିବା ହସ୍ତିନାପୁରର ରାଜସଭାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ରାଜମାତା କୁନ୍ତୀଙ୍କୁ ପଚାରିଲେ ପିଉସୀ ! ବର୍ତ୍ତମାନ ତୁମର ପୁତ୍ର ବିଜେତା । ଆପଣ ରାଜମାତା । ଏମିତିରେ ଆପଣଙ୍କୁ ଆଉ କ'ଣ ଦରକାର ?

ରାଜମାତା କୁନ୍ତୀ ଶ୍ରୀକୃଷ୍ଣଙ୍କ ଆଡ଼କୁ ଚାହିଁଲେ ଓ ସ୍ମିତ ପ୍ରକଟ କଲେ । ପୁଣି କିଛି କ୍ଷଣ ରହିଯାଇ ସେ କହିଲେ ହେ କୃଷ୍ଣ ! ଯଦି ତୁମେ ମୋତେ ଦେବାକୁ ଚାହୁଁଛ, ତ ମୋତେ ଦୁଃଖର ବରଦାନ ଦିଅ । ଶ୍ରୀକୃଷ୍ଣ ପଚାରିଲେ- 'ତାହା କାହିଁକି ପିଉସୀ, ଆପଣ ତ ଜୀବନ ସାରା ଦୁଃଖ ହିଁ ଭୋଗିଛନ୍ତି । ଦୀର୍ଘକାଳ ପରେ ଏଇ ସୁଖର କ୍ଷଣ ଆସିଛି, ପୁଣି ଏମିତି କାହିଁକି କହୁଛନ୍ତି ? ଏହାର ଉତ୍ତରରେ କୁନ୍ତୀ କହିଲେ- 'କାରଣ ଦୁଃଖରେ ତୁମର ଭଜନର କ୍ରମ ଅଖଣ୍ଡ ହୋଇଥାଏ । ପରିସ୍ଥିତିରେ ଭଲା ଦୁଃଖର କଳା ଛାୟା ଲାଗି ରହିଲେ ମଧ ମନଃସ୍ଥିତିରେ ଭକ୍ତିର ଉଜ୍ଜ୍ୱଳତା ନିରନ୍ତର ଲାଗି ରହିଥାଏ ।

ଭକ୍ତି ସାଧନ ଓ ସାଧ୍ୟ ମଧ୍ୟ

ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ ଆଦି ଈଶ୍ୱର ପ୍ରାପ୍ତିର ବିଭିନ୍ନ ମାର୍ଗ, ସାଧନ ଅଟେ, ଯାହା ମଧ୍ୟରୁ ଆମେ ନିଜର ପ୍ରକୃତି, ରୁଚି, ଅଭିରୁଚି ଅନୁସାରେ କୌଣସି ଏକ ମାର୍ଗ ସାହାଯ୍ୟରେ ସାଧନ ସାହାଯ୍ୟରେ ନିଜର ଲକ୍ଷ୍ୟକୁ ପାଇ ପାରିବା, ନିଜର ଆରାଧ୍ୟଙ୍କୁ ପାଇ ପାରିବା, କିନ୍ତୁ ହଁ! ଏସବୁ ସାଧନ ମଧ୍ୟରେ ଭକ୍ତି, ନିଃସନ୍ଦେହ ସବୁଠାରୁ ଅଧିକ ସରଳ । ଭକ୍ତିର ଅର୍ଥ- ଦିବ୍ୟ ପ୍ରେମ, ବ୍ରହ୍ମଙ୍କ ସହିତ ସତ୍ୟ ପ୍ରେମ, ପରମପ୍ରଭୁ, ପରମପିତାଙ୍କୁ ପ୍ରେମ ।

ଭକ୍ତିଯୋଗ ଭାବନା ପ୍ରଧାନ ଓ ପ୍ରେମୀ ପ୍ରକୃତିର ବ୍ୟକ୍ତି ନିମନ୍ତେ ଉପଯୋଗୀ । ସେ ଈଶ୍ୱରଙ୍କ ସାକାର, ସଗୁଣ ରୂପକୁ ପ୍ରେମ କରେ ଅଥବା ଈଶ୍ୱରଙ୍କ ନିର୍ଗୁଣ, ନିରାକାର ରୂପକୁ ପ୍ରେମ କରେ । ସେ ଈଶ୍ୱରଙ୍କ ସାକାର, ସଗୁଣ, ରୂପ, ମୂର୍ତ୍ତି ଆଦିର ଆଶ୍ରୟ ନେଇଥାଏ । ବିଭିନ୍ନ କ୍ରିୟା ଅନୁଷ୍ଠାନ, ଜଳ, ପୁଷ୍ପ, ଗନ୍ଧ, ଧୂପ, ଦୀପ, ନୈବେଦ୍ୟ ଆଦି ଦ୍ୱାରା ଈଶ୍ୱରଙ୍କ ପୂଜା କରିଥାଏ ।

ସାଧକ ଈଶ୍ୱରଙ୍କ ଅଭ୍ୟର୍ଥନା, ଆରାଧନା କରିଥାଏ ତ ଅନ୍ୟ ପକ୍ଷରେ ସେ ନିର୍ଗୁଣ ନିରାକାର ବ୍ରହ୍ମଙ୍କୁ ବ୍ରହ୍ମାଣ୍ଡର କ'ଣ କଣରେ ସଂବ୍ୟାପ୍ତ ଦେଖିଥାଏ । ସେ ଏହି ବିଶ୍ୱବ୍ରହ୍ମାଣ୍ଡକୁ ସେହି ନିର୍ଗୁଣ ନିରାକାର ବ୍ରହ୍ମଙ୍କ ଅଭିବ୍ୟକ୍ତି ମାନିଥାଏ । ସେ ସମ୍ପୂର୍ଣ୍ଣ ଜଗତରେ ଈଶ୍ୱରଙ୍କ ଉପସ୍ଥିତିର ଅନୁଭୂତି କରିଥାଏ । ସେ ସୂର୍ଯ୍ୟ, ଚନ୍ଦ୍ର, ତାରା, ସିନ୍ଧ, ନଦୀ ସବୁରି ମଧ୍ୟରେ ଈଶ୍ୱରଙ୍କୁ ଅଭିବ୍ୟକ୍ତ ହେବାର ଦେଖିଥାଏ । ସେ ସବୁ ଜୀବଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖିଥାଏ । ସେ ସ୍ୱୟଂ ମଧ୍ୟରେ ସମସ୍ତଙ୍କୁ ଓ ସମସ୍ତଙ୍କ ମଧ୍ୟରେ ସ୍ୱୟଂକୁ ଦେଖିବାରେ ଲାଗେ । ସେ ପ୍ରତ୍ୟେକ ଶ୍ୱାସର ସହିତ ଭକ୍ତିରେ ଲୀନ ହେବାରେ ଲାଗେ ଏବଂ ତା'ର ଏହି ପ୍ରେମ ତା' ମଧ୍ୟରେ ଉଲ୍ଲାସ ଉଦ୍ଦୀପନା ଭରିଥାଏ ତଥା ତା' ଅସ୍ତିତ୍ୱର ଗଭୀରତାକୁ ସ୍ପର୍ଶ କରିଥାଏ । ଏହି ଭଗବତ ପ୍ରେମ ଆମକୁ ସଂସାରର ସେହି ସମସ୍ତ ବନ୍ଧନରୁ ମୁକ୍ତ କରିଥାଏ । ଯାହା ସହିତ ବାନ୍ଧି ହୋଇ ଆମେ ଏ ପର୍ଯ୍ୟନ୍ତ ନିଜ ଠାରୁ ଦୂରେଇ ଥିଲେ କାରଣ ଏହି ଭକ୍ତି ଆମ ଭିତରେ ଅନନ୍ତର ଦ୍ୱାରା ଖୋଲିଥାଏ । ଏହି ଭକ୍ତି ଆମ ନେତ୍ରରେ ଦିବ୍ୟ ପ୍ରେମ ରୂପେ ଅଭିବ୍ୟକ୍ତ ହୋଇଥାଏ । ଏହି ପ୍ରେମ ଆମର ଚିନ୍ତନ, ଚରିତ୍ର ଓ ବ୍ୟବହାରରେ ପ୍ରତିକ୍ଷଣ ପ୍ରତିବିମ୍ବିତ ହୋଇଥାଏ । ଭକ୍ତି ସ୍ୱୟଂରେ ସାଧନ ଓ ସାଧ୍ୟ ମଧ୍ୟ । ସାଧନ ରୂପେ ଏହା ଆମର ଚିତ୍ତଶୁଦ୍ଧି କରିଥାଏ ଓ ସାଧ୍ୟ ରୂପେ ସ୍ୱୟଂ ଭକ୍ତି ହିଁ ପ୍ରେମ ଏବଂ ପରମେଶ୍ୱରଙ୍କ ରୂପ ଧାରଣ କରିନିଏ ।

ପ୍ରେମ ଏକ ସାର୍ବଭୌମ ସଂବେଗ । ଏହା ଯେତେବେଳେ ଭକ୍ତର ହୃଦୟରେ ପ୍ରବାହିତ ହୋଇଥାଏ ତ ଭକ୍ତ ମଧ୍ୟ ସେହି ପ୍ରେମ ପ୍ରବାହରେ ବହିଯାଇ, ପ୍ରେମର ଅଥଳ ସାଗର ପରମେଶ୍ୱରଙ୍କ ଦିଗରେ ପ୍ରବାହିତ ହେବାରେ ଲାଗେ, ଠିକ୍ ଯେପରି ନଦୀମାନେ ସମୁଦ୍ର ଆଡକୁ, ସରିତମାନେ ସିନ୍ଧୁ ଆଡ଼କୁ ପ୍ରବହମାନ ହୋଇଥାନ୍ତି ।

ଭକ୍ତ ଭକ୍ତିର ପ୍ରବାହରେ ପ୍ରେମର ପ୍ରବାହରେ ପ୍ରବାହିତ ହୋଇ ଆଗକୁ ବଢ଼ିଯାଏ । ରାସ୍ତାରେ ଆହ୍ୱାନ ଆସେ, ମୁସ୍କିଲ ଆସେ । କର୍ମ ସଂସ୍କାରଗୁଡିକର ବିଶାଳ ବନ କ୍ଷେତ୍ର ବି ଆସିଥାଏ । କାମନା, ବାସନା ଗୁଡିକର ଏକରୁ ବଳି ଆରେକ ପର୍ବତ ଶୃଙ୍ଖଳା ବି ଆସିଥାଏ ।

ପ୍ରେମର ପ୍ରବାହରେ ପ୍ରବାହିତ ହୋଇ ବ୍ୟକ୍ତି ଯେତେବେଳେ ସଂସ୍କାରଗୁଡିକର ସଘନ ବନ ଅତିକ୍ରମ କରିବାରେ ଲାଗେ ସେତେବେଳେ ତାକୁ ବିଭିନ୍ନ ଜନ୍ମରେ ସ୍ୱୟଂ ଦ୍ୱାରା କରାଯାଇଥିବା ଶୁଭ ଅଶୁଭ, ଭଲ ମନ୍ଦ, ପୁଣ୍ୟ-ପାପ ଆଦି ବିଭିନ୍ନ କର୍ମର ସଂସ୍କାରଗୁଡିକର ବଡ଼ ବଡ଼ ବଟବୃକ୍ଷ ବାଧା ସାଜି ଠିଆ ହୋଇଥିବାର ଦେଖାଯାଏ । ପୁଣି ସ୍ୱୟଂ ଦ୍ୱାରା କରାଯାଇଥିବା ପାପ କର୍ମ ସଂସ୍କାରଗୁଡିକର ଏକରୁ ଆରେକ ବଳି ବଡ଼ ବଡ଼ କଣ୍ଟା ବୃକ୍ଷ ଦେଖାଯାଏ, ଯେଉଁଗୁଡିକ ମଧ୍ୟରେ ସେ ଫଂସିଯାଏ, ଯାହାର କଣ୍ଟା ତାକୁ ବିଦ୍ଧ କରିଥାଏ ଏବଂ ତା'ର ପ୍ରବାହକୁ ବେଗକୁ ପ୍ରଭାବିତ କରିଥାଏ, ତାକୁ ଆଗକୁ ବଢ଼ିବାରୁ ଆରାଧ୍ୟଙ୍କ ସହିତ ମିଶିବାରୁ ରୋକିଥାଏ ।

ତାକୁ ସେହି ସବୁ ବନ୍ଧନ ଦେଖାଯାଏ, ଯେଉଁଗୁଡିକୁ ବିଭିନ୍ନ ଜନ୍ମରେ ସେ ସ୍ୱୟଂ ହିଁ ରଚିଥିଲେ । ସଂସାର ଓ ଭୌତିକ ସୁଖ ସାଧନଗୁଡିକ ପ୍ରତି ତା'ର ଘୋର ଆସକ୍ତି ବଡ଼ ବଡ଼ ବୃକ୍ଷ ରୂପେ ତା' ମାର୍ଗରେ ବାଧା ସାଜି ଠିଆ ହୋଇଥିବାର ଦେଖାଯାଏ । ସଂସ୍କାରଗୁଡିକର ଏହି ଦୁର୍ଗମ ବନରେ, ସଘନ ବନରେ, ସେ ନିଜର ହିଁ କର୍ମଗୁଡିକର ଭୟଙ୍କର ରୂପରୁ ଦେଖି ଭୟଭୀତ ହୋଇଥାଏ, ଘାବରେଇ ଥାଏ ଓ ଭକ୍ତିକୁ ଆଧାର ହିଁ ଛାଡିଦେଇ ପଳାୟନ କରିବାକୁ ତା'ର ମନ ହୋଇଥାଏ ।

ଯଦି ସାଧକର ଭକ୍ତି ସକାମ ହୋଇଥାଏ, ଗୌଣ ହୋଇଥାଏ ତାହେଲେ ତ ସେ ଏହି ସଘନ ବନକୁ ପାର କରିପାରେ ନାହିଁ ଏବଂ ପଛକୁ ବୁଲି ପଳାୟନ କରିଥାଏ, କିନ୍ତୁ ଯଦି ଭକ୍ତି ନିଷ୍କାମ, ନିଷ୍କପଟ ହୋଇଥାଏ, ଯଦି ଭକ୍ତି ପରା ହୋଇଥାଏ ତେବେ ସେ ଏହି ସଘନ ବନକୁ ସହଜରେ ପାର କରିଯାଏ, କାରଣ ନିଷ୍କାମ ଭକ୍ତିର, ପରାଭକ୍ତିର ପ୍ରବାହ ଏତେ ପ୍ରବଳ ହୋଇଥାଏ ଯେ ତାହାର ପ୍ରଳୟଙ୍କର, ଭୟଙ୍କର ବେଗରେ ତା'ର ସଂସ୍କାରଗୁଡିକର ସଘନ ବନରେ ଠିଆ ହୋଇଥିବା ବଡ଼ ବଡ଼ ବୃକ୍ଷ ଗୋଟିଏ ପରେ ଗୋଟିଏ ଧରାଶାୟୀ ହେବାରେ ଲାଗେ ଏବଂ ସେ ସେହି ବିଶାଳ ବନ କ୍ଷେତ୍ରକୁ ପାର କରି ଆଗକୁ ବଢ଼ିଯାଏ । ଯଦି ଚିତ୍ତ ଏବେ ବି ସଂସ୍କାରଶୂନ୍ୟ ନ ହୁଏ ତେବେ ସେ ନିଜର ଲକ୍ଷ୍ୟ ନିକଟରେ ପହଞ୍ଚି ମଧ୍ୟ ଲକ୍ଷ୍ୟ ଠାରୁ ଦୂରେଇ ରହିଥାଏ, ଅର୍ଥାତ୍ ସବୀଜ ସମାଧିରେ ହିଁ ରହିଥାଏ ।

ତା'ର ଚିତ୍ତ ପୂର୍ଣ୍ଣତଃ ସଂସ୍କାରଶୂନ୍ୟ ହେବା ମାତ୍ରେ ତାର ଭକ୍ତି ନିଜର ପୂର୍ଣ୍ଣ ରୂପରେ ପ୍ରବଳତମ ଓ ପ୍ରଳୟଙ୍କର ରୂପରେ ପ୍ରବାହିତ ହୋଇ ରାସ୍ତାରେ ଆଗରେ ଠିଆ ହୋଇଥିବା ବାସନା, କାମନାଗୁଡିକର ବଡ଼ ବଡ଼ ପର୍ବତ ଶୃଙ୍ଖଳାକୁ ଧରାଶାୟୀ କରି ନିର୍ବୀଜ ସମାଧିକୁ ପ୍ରାପ୍ତ ହୁଏ ଏବଂ ନିଜର ଆରାଧ୍ୟଙ୍କ ଆଲିଙ୍ଗନରେ ସମ୍ମିଳିତ ହୋଇଯାଏ । ଠିକ୍ ଯେପରି ନଦୀ ସାଗରରେ ସମ୍ମିଳିତ ହୋଇଯାଏ । ପୁଣି ଜୀବାତ୍ମା ଓ ପରମାତ୍ମା, ଉଭୟ ମିଶି ଏକ ହୋଇଯାନ୍ତି, ଦ୍ୱୈତ, ଅଦ୍ୱୈତ ହୋଇଯାଏ, ଯେପରି ସରିତ ସାଗର ସହିତ ମିଶି ସ୍ୱୟଂ ବି ସାଗର ହୋଇଯାଏ ।

ପରନିନ୍ଦା କରନ୍ତୁ...

ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ତେଣୁକରି ବୁଦ୍ଧିମାନ ବ୍ୟକ୍ତି ଅନ୍ୟମାନଙ୍କର ନିନ୍ଦା କରିବାରେ ନିଜର ସମୟ ନଷ୍ଟ କରନ୍ତି ନାହିଁ, ବରଂ ସେହି ସମୟ ଉପଯୋଗ ନିଜର ରଚନାତ୍ମକତାକୁ ସୁନ୍ଦର କରିବାରେ କାର୍ଯ୍ୟଗୁଡିକୁ କୁଲତାପୂର୍ବକ କରିବାରେ ଲାଗନ୍ତି । ଯେଉଁ ବ୍ୟକ୍ତିର ନଜର ତ୍ରୁଟିଗୁଡିକ ଉପରେ ଥାଏ, ସେହି ବ୍ୟକ୍ତି ଆଗକୁ ବଢ଼ିପାରେ ନାହିଁ, କିନ୍ତୁ ଯେଉଁ ବ୍ୟକ୍ତିର ନଜର ବିଶେଷତାଗୁଡିକ ଉପରେ ଥାଏ, ସେ ସେହି ବିଶେଷତାଗୁଡିକୁ ଗ୍ରହଣ କରିବା ପାଇଁ ଦ୍ରୁତ ବେଗରେ ଆଗକୁ ବଢ଼ିଥାଏ । ଯେପରି ହୀରାର ଖଣି ଖୋଲୁଥିବା ଶ୍ରମିକମାନଙ୍କ ନଜର ହୀରା ଉପରେ ଥାଏ, ସେଠାକାର ମାଟି ଉପରେ ନ ଥାଏ, ସେଥିପାଇଁ ସେମାନେ ହୀରାର ସନ୍ଧାନରେ ବହୁତ ଗଭୀର ଖଣି ଖୋଳିବାରେ ସଫଳ ହୋଇଯାନ୍ତି, ଯଦି ସେମାନଙ୍କ ଦୃଷ୍ଟି ମାଟି ଗଦା ଉପରେ ରହିବ, ତ ସେମାନେ ଖଣି ଖୋଳି ପାରିବେ ନାହିଁ, କାରଣ ଖଣି ଖୋଳିଲେ ପ୍ରଚୁର ମାଟି ଓ କଙ୍କର ପଥର ବାହାରି ଥାଏ ।

ଏହିପରି ଯେଉଁ ଲୋକମାନଙ୍କ ଦୃଷ୍ଟି ବିଶେଷତାଗୁଡିକ ଉପରେ ଥାଏ, ସେମାନେ ଏକ ପ୍ରକାରେ ହୀରା ଉପରେ ନିଜର ଦୃଷ୍ଟି ରଖନ୍ତି ଏବଂ ଯେଉଁ ଲୋକମାନଙ୍କ ନଜର ତ୍ରୁଟିଗୁଡିକ ଉପରେ ଥାଏ ସେମାନେ ଏକ ପ୍ରକାରେ ଖଣିରୁ ବାହାରୁଥିବା ମାଟି ଉପରେ ନିଜର ଦୃଷ୍ଟି ରଖିଥାନ୍ତି ଏବଂ ସମସ୍ତେ ଜାଣନ୍ତି ଯେ ଖଣିରୁ ଯେତେ ମାଟି ବାହାରିଲେ ବି ତାହାର କୌଣସି ମୂଲ୍ୟ ନାହିଁ, ମୂଲ୍ୟ ତ ହୀରାର ଥାଏ, ଯାହା ପାଇଁ ଖଣି ଖୋଲାଯାଏ ।

ହୀରାର ପଥର ମାଟିର ଅନେକ ସ୍ତର ପରେ କେଉଁଠି ଦବି ଛପି ରହିଥାଏ, ତେଣୁ ତାହାକୁ ବାହାର କରିବା ପାଇଁ ମାଟି ବାହାର କରିବାକୁ ପଡିଥାଏ, ମାଟି ବାହାର ନ କରି ହୀରା ପାଇବା ସମ୍ଭବ ନୁହେଁ । ଏହିପରି ମନୁଷ୍ୟର ଦୁର୍ବଳତା ଗୁଡିକୁ ବାହାର କରିବା ବିନା ବିଶେଷତାଗୁଡିକୁ ପରିସ୍ଫୁଟ କରିବା ସମ୍ଭବ ନୁହେଁ ଏବଂ ଯଦି ଦୁର୍ବଳତାଗୁଡିକୁ ବାହାର କରିବାର କାର୍ଯ୍ୟ ଅନ୍ୟ ଲୋକ କରନ୍ତି, ତେବେ ଆମେ ତାଙ୍କ ପ୍ରତି କୃତଜ୍ଞ ହେବା ଉଚିତ ଏବଂ ନିଜର ଦୁର୍ବଳତାଗୁଡିକୁ ସ୍ୱୀକାର କରି ସେଗୁଡିକୁ ଦୂର କରିବାର ପ୍ରୟାସ କରିବା ଦରକାର ।

ବାସ୍ତବରେ ବ୍ୟକ୍ତିର ଦୁର୍ବଳତାଗୁଡିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ତା'ର ବିଶେଷତାଗୁଡିକ । ତେଣୁକରି ନିଜର ଦୁର୍ବଳତା, ନିଜର ଦୁର୍ଗୁଣ, ନିଜର ଆଲୋଚନା ଗୁଡିକରେ ବ୍ୟକ୍ତି ବିଚଳିତ ହେବା ଅନୁଚିତ ବରଂ ନିଜର ବିଶେଷତାଗୁଡିକୁ ଶୁଦ୍ଧ ପରିସ୍ଫୁଟ କରିବା ପ୍ରତି ଧ୍ୟାନ ଦେବା ଉଚିତ । ଯେଉଁମାନେ ଅନ୍ୟର ନିନ୍ଦା କରିବାରେ, ଅନ୍ୟର ଆଲୋଚନା କରିବାରେ ରୁଚି ରଖନ୍ତି, ସେମାନେ ବାସ୍ତବରେ ନିଜ ମନର କୁଣ୍ଠାକୁ ହିଁ ବାହାର କରିଥାନ୍ତି, ତେଣୁ ଏପରି ଲୋକଙ୍କୁ ବେଶୀ ଖାତିର କରିବା ଉଚିତ ନୁହେଁ ।

ଟିକିଏ ହସନ୍ତୁ

ରାଜୁର ଗର୍ଲଫ୍ରେଣ୍ଡ: ମୁଁ ତ ବରବାଦ୍ ହୋଇଗଲି ।

ରାଜୁ ଏମିତି କ'ଣ ହେଲାକି ଜାନେମନ୍ ?

ଗର୍ଲଫ୍ରେଣ୍ଡ: ବାପା ମୋର ବିବାହ ଅନ୍ୟତ୍ର ଠିକ୍ କରି ଦେଇଛନ୍ତି ।

ରାଜୁ: ଏବେ ମୁଁ କ'ଣ କରିବି ?

ଗର୍ଲଫ୍ରେଣ୍ଡ: ତୁମେ କିଛି କରନା ।

ରାଜୁ: ଠିକ୍ ଅଛି ! ଆଜି ଠାରୁ ମୁଁ ମୋ ପାଇଁ ନୂଆ ଗର୍ଲଫ୍ରେଣ୍ଡ ଖୋଜିବା ଆରମ୍ଭ କରି ଦେଉଛି । ପଛରୁ ବାଜିଲା ଧାଁ ଧନାଧନ ।

× × × ×

ନେତା ଭାଷଣ ଦେଉଥିଲେ ।

ଆଗାମୀ ନିର୍ବାଚନରେ ଆମ ସରକାର ଯଦି ଶାସନକୁ ଆସିବ ତେବେ ଆମେ ପୁରା ଚାଷ କ୍ଷେତକୁ ସିମେଣ୍ଟରେ ପ୍ଲାଷ୍ଟର କରିଦେବୁ ।

ପୁଣି ବର୍ଷା ଯେତେ ହେଉ ପଛେ କିନ୍ତୁ କ୍ଷେତରେ ଫଂସଲ ଆଦୌ ନଷ୍ଟ ହେବ ନାହିଁ ।

× × ×

ବାପା: ପୁଅକୁ, ଆଜି ତୋର ମମି କେମିତି ପୂରା ଚୁପଚାପ ବସିଛି ?

ରାମୁ: ବାପା ସେ ନା ମତେ ଲିପଷ୍ଟିକ୍ ମାଗିଥିଲା, ମୁଁ ଭୁଲରେ ଫେବିଷ୍ଟିକ୍ ଦେଇ ଦେଲି ।

ବାପା: ଶହ ଶହ ବର୍ଷ ବଞ୍ଚି ରହରେ ପୁଅ !

ଏମିତି ପୁଅ ଭଗବାନ ସମସ୍ତଙ୍କୁ ଦିଅନ୍ତୁ ।

× × × ×

ପତ୍ନୀଙ୍କ ସ୍ୱଭାବରେ ପତି ଅତିଷ୍ଠ ହୋଇ ଛାଡ଼ପତ୍ର ଦେବା ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ ।

ରାଜେଶ ଜଜ୍‌ଙ୍କୁ : ସାର ମୁଁ ମୋ ପତ୍ନୀଙ୍କ ଉପରେ ଆଦୌ ଖୁସି ନୁହେଁ ।

ଜଜ୍ ପପୁଙ୍କ ପତ୍ନୀକୁ ପଚାରିଲେ: ଆପଣଙ୍କ ପତି ତୁମ ଉପରେ କାହିଁକି ଖୁସି ନାହାଁନ୍ତି ?

ପତ୍ନୀ: ଜଜ୍ ସାହେବ ଆମର ସମସ୍ତ ପଡୋଶୀ ମୋ ଉପରେ ଖୁସି ଅଛନ୍ତି, କେବଳ ଇଏ ନଖରା ଦେଖାଉଛନ୍ତି ?

× × × × × × ×

ପତ୍ନୀ ମାର୍କେଟରୁ ଫେରିବାରୁ କହିଲେ-

ପତି: ମୋତେ ଲାଗୁଛି ଏହି ପ୍ୟାକେଟରେ ମୋ ପାଇଁ କିଛି ଖାଇବା ଜିନିଷ ନିଶ୍ଚୟ ଆଣିଛ ।

ପତ୍ନୀ: ଆରେ ବାଃ ମୋ ପତି ପରମେଶ୍ୱର ତୁମେ ତ ବିଲକୁଲ ସଠିକ୍ ଅନ୍ଦାଜ ଲଗାଇଲ, ଏଥିରେ ମୋର ନୁଆ ସାଣ୍ଡେଲ ଅଛି ।

ଶ୍ରୀକ୍ଷେତ୍ର

ବର୍ଷ ୨୫, ସଂଖ୍ୟା-୨୦, ୧୩ - ୧୯ ଜୁନ୍ ୨୦୨୧

କରୋନା ନିୟନ୍ତ୍ରଣରେ ଓଡ଼ିଶା ମଡେଲ୍'

ଗତବର୍ଷ ମାର୍ଚ୍ଚ ମାସରୁ ଅଦ୍ୟାବଧି ଜାରି ରହିଥିବା କରୋନା ମହାମାରୀ ବିରୋଧରେ ଓଡ଼ିଶା ସଫଳ ସଂଗ୍ରାମ ଚାଲୁ ରଖିଛି । ଏହି ପ୍ରାଣଘାତୀ ରୋଗରେ ମୃତ୍ୟୁ ସଂଖ୍ୟା ଯଥାସମ୍ଭବ ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ପ୍ରଶାସନ ସଂପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧତା ଓ ଶୃଙ୍ଖଳିତ ରଣନୀତି ସହ ଏହି ଅଭିଯାନ ଅବ୍ୟାହତ ରଖିଛି । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ବିଶେଷକରି ମାନବ ସମ୍ବଳର କୁଶଳ ପରିଚାଳନା ଓ ଅର୍ଥ ବିନିଯୋଗରେ ଓଡ଼ିଶା ପ୍ରଶାସନର ଦୀର୍ଘଦିନର ଅଭିଜ୍ଞତା କରୋନା ମହାମାରୀ ନିୟନ୍ତ୍ରଣରେ ସହାୟକ ହୋଇଛି । ଏହି ଘାତକ ମହାମାରୀ ସଂକ୍ରମଣ ରୋକିବା ପାଇଁ ଗତବର୍ଷ ଲକଡାଉନ ଓ ସଟ୍‌ଡାଉନ ଆଦି କଟକଣା ଜାରି କରିବାରେ ଓଡ଼ିଶା ଥିଲା ଦେଶର ପ୍ରଥମ ରାଜ୍ୟ । ସେହିଭଳି କୋଭିଡ୍ ୧୯ ବିରୋଧୀ ସଂଗ୍ରାମରେ ପଞ୍ଚାୟତ ଅନୁଷ୍ଠାନ କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ଆଶା ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପରି ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କୁ ସଫଳ ଭାବେ ନିୟୋଜିତ କରିବାରେ ମଧ ଓଡ଼ିଶା ଥିଲା ଦେଶର ପ୍ରଥମ ରାଜ୍ୟ । ଏଥିପାଇଁ ଓଡ଼ିଶା ସରକାରଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମେତ ବିଭିନ୍ନ ମହଲରୁ ପ୍ରଶଂସା ମିଳିଛି । ଓଡ଼ିଶାରେ କୋଭିଡ୍ ମୃତ୍ୟୁହାର ମଧ ଦେଶର ସର୍ବନିମ୍ନ ସ୍ତରରେ ରହିଛି ।

କେବଳ ସେତିକି ନୁହେଁ ଚଳିତ ବର୍ଷ ମାର୍ଚ୍ଚ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା କରୋନାର ଅପେକ୍ଷାକୃତ ଅଧିକ ଭୟାନକ ଦ୍ୱିତୀୟ ଲହର ସହିତ ମଧ ଓଡ଼ିଶା ଲଢୁଆ ଉଦ୍ୟମ ଆରମ୍ଭ କରିଛି । ଯଦିଓ ଦ୍ୱିତୀୟ ଲହରରେ ଭୂତାଣୁର ଜଟିଳତା ଯୋଗୁଁ ଚଳିତ ବର୍ଷ ଏପ୍ରିଲ ଶେଷରେ ଏବଂ ମେ' ମାସ ଆରମ୍ଭରେ ଓଡ଼ିଶାରେ ସଂକ୍ରମଣ ହାର ବୃଦ୍ଧି ପାଇଥିଲା, ତଥାପି ଏହା ଅତି ଉଦବେଗଜନକ ନୁହେଁ । ମହାରାଷ୍ଟ୍ର, ଗୁଜୁରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସଂକ୍ରମଣର ସାଂଘାତିକତା ବହୁ ନିମ୍ନସ୍ତରରେ ରହିଛି । ମହାମାରୀର ପ୍ରଥମ ତରଙ୍ଗ ସମୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବ୍ୟତୀତ ଓଡ଼ିଶା ସରକାର ଇତିମଧରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ପରିସ୍ଥିତିର ନିରନ୍ତର ତଦାରଖ ସହିତ ସରକାର କୋଭିଡ୍ କେୟାର ସେଣ୍ଟର ଏବଂ ହସ୍ପିଟାଲଗୁଡିକୁ ଅଧିକ ସୁବିଧା ଯୋଗାଇ ଦେଇଛନ୍ତି । ଅଧିକରୁ ଅଧିକ ଅମ୍ଳଜାନ, ରୋଗୀ, ଶଯ୍ୟା, ଭେଣ୍ଟିଲେଟର ଏବଂ ଅନ୍ୟାନ୍ୟ ଉନ୍ନତ ସ୍ୱାସ୍ଥ୍ୟସେବା ଉପକରଣ ଓ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଉଛି । କରୋନାର ଦ୍ୱିତୀୟ ଲହର ସମୟରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ମର୍ଯ୍ୟାଦାପୂର୍ଣ୍ଣ ଲାନସେଟ ପତ୍ରିକା ସମେତ ଏକାଧିକ ଆନ୍ତର୍ଜାତିକ ସଂସ୍ଥା ପ୍ରଶଂସା କରିଛନ୍ତି ।

ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଓଡ଼ିଶା କେବଳ ନିଜ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କାମ କରି ନଥିଲା, ବରଂ ଅନ୍ୟ ରାଜ୍ୟମାନଙ୍କୁ ଜରୁରୀକାଳୀନ ଭିତ୍ତିରେ ଅମ୍ଳଜାନ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ୧୪ଟି ରାଜ୍ୟକୁ ତରଳ ମେଡିକାଲ୍ ଅମ୍ଳଜାନ ଓଡ଼ିଶା ସରକାର ଯୋଗାଇ ସାରିଛନ୍ତି । ସଂକଟରେ ଥିବା ରାଜ୍ୟଗୁଡିକ ଜରୁରୀକାଳୀନ ଭିତ୍ତିରେ ଅମ୍ଳଜାନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଏଥିପାଇଁ ଏକ ଉତ୍ସର୍ଗୀକୃତ ପରିବହନ କରିଡର ସ୍ଥାପନ କରିବାକୁ ଓଡ଼ିଶା ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

ଏଭଳି କଠିନ ସମୟରେ ଓଡ଼ିଶାର ଉତ୍ସାହଜନକ ଉଦ୍ୟମ ସାରା ଦେଶରେ ପ୍ରଶଂସା ଲାଭ କରିଛି । ୧୮ ରୁ ଉର୍ଦ୍ଧ୍ୱ ବୟସ ବର୍ଗକୁ ରାଜ୍ୟର ନିଜସ୍ୱ ସମ୍ବଳରେ ମାଗଣା ଟିକାକରଣ ପାଇଁ ମଧ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ଦୁଇ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯେତେବେଳେ ଟିକା ଉତ୍ପାଦନକାରୀମାନେ ପ୍ରତିଶ୍ରୁତି ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଇ ପାରିଲେ ନାହିଁ, ସେତେବେଳେ ନବୀନ ପଟ୍ଟନାୟକ ରାଜ୍ୟ ପାଇଁ ଟିକା ବିଦେଶରୁ ଆମଦାନୀ କରିବାକୁ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ ଲାଗି ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା କ୍ୟାବିନେଟ୍ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁରୀ ଦେଇଥିଲା ।

ଆହୁରି ଏକ ଉଲ୍ଲେଖନୀୟ ବିଷୟ ହେଉଛି କୋଭିଡ୍ -୧୯ ର ଦ୍ୱିତୀୟ ଲହର ସହିତ ସଂଗ୍ରାମ ଜାରି ରଖିବା ସହିତ ଆସନ୍ନ ପ୍ରାୟ ତୃତୀୟ ଲହର ବିରୋଧରେ ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡର ସମ୍ଭାବ୍ୟ ତୃତୀୟ ଲହରକୁ ପ୍ରତିହତ କରିବା ପାଇଁ ଇତିମଧରେ ରାଜ୍ୟ ସରକାର କେତେକ ପଦକ୍ଷେପ ନେଇଥିବା ବିଭିନ୍ନ ସଂସ୍ଥା ପକ୍ଷରୁ ସୂଚନା ମିଳୁଛି । ନିକଟରେ ଓଡ଼ିଶା ସରକାର ଏଭଳି ଅନେକ କିଛି ଜରୁରୀ ପଦକ୍ଷେପ ନେଇଛନ୍ତି, ଯାହା ରାଜ୍ୟର କୋଭିଡ ନିୟନ୍ତ୍ରଣ ଅଭିଯାନକୁ ଆହୁରି ଶକ୍ତିଶାଳୀ କରିଛି ।

କୋଭିଡ୍ ନିୟନ୍ତ୍ରଣ ଅଭିଯାନରେ ଗୋଷ୍ଠୀ ବା ସାମୂହିକ ଯୋଗଦାନକୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀଙ୍କୁ ଅଧିକ ସଶକ୍ତ କରିବାକୁ ଇତିମଧରେ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଗ୍ରାମାଞ୍ଚଳରେ କୋଭିଡ ଏବଂ ଅଣ କୋଭିଡ୍ ରୋଗୀଙ୍କ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯେପରି ବ୍ୟାଘତ ନ ଘଟେ ସେଥି ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଗାଁ କଲ୍ୟାଣ ସମିତିକୁ ୧୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେଇଛନ୍ତି । ଏହାଛଡ଼ା ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନଙ୍କର କ୍ଷମତାରେ ପୂର୍ବଥର ଭଳି ବୃଦ୍ଧି କରାଯାଇଛି । ରାଜ୍ୟର ଗ୍ରାମାଞ୍ଚଳରେ ଅଣ କୋଭିଡ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଆଶା ଦିଦିମାନଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ରାଜ୍ୟବ୍ୟାପୀ ସର୍ବେକ୍ଷଣ ତିନିମାସ ଧରି ଚାଲିବ । କୋଭିଡ ପରିଚାଳନା ସହ ସମ୍ପୃକ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସାଂସଦ ଆଞ୍ଚଳିକ ବିକାଶ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନିଯୋଗ କରିବାକୁ ଓଡ଼ିଶା ସରକାର ଅନୁମତି ଦେଇଛନ୍ତି । ଗରିବ ଲୋକଙ୍କୁ ମାଗଣାରେ ମାସ୍କ ଯୋଗାଇବା ପାଇଁ ମିଶନ ଶକ୍ତି ଗୋଷ୍ଠୀରୁ ମାସ୍କ ସଂଗ୍ରହ କାର୍ଯ୍ୟରେ ମଧ ଏହି ଅର୍ଥ ବିନିଯୋଗ କରାଯିବ ।

ଯଦିଓ ମହାମାରୀର ତୃତୀୟ ତରଙ୍ଗର ପୂର୍ବାନୁମାନ କରାଯାଇଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବ୍ଲିକ ହେଲ୍‌ଥ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି କେ ଶ୍ରୀନଥରେଡ୍ଡିଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ପରାମର୍ଶଦାତା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଡାକ୍ତର ଦେବୀ ସେଟ୍ଟୀ, ଡକ୍ଟର ରମାକାନ୍ତ ପଣ୍ଡାଙ୍କ ପରି ଖ୍ୟାତି ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଅଛନ୍ତି । ଏତଦବ୍ୟତୀତ ରାଜ୍ୟ ସରକାର ଆଉ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି କୋଭିଡରେ ସମ୍ଭାବ୍ୟ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ଗ୍ରହଣ କରାଯାଉଥିବା ପ୍ରସ୍ତୁତି ଓ କାର୍ଯ୍ୟକ୍ରମକୁ ତଦାରଖ କରିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଶାସନ ଗ୍ରହଣ କରିଥିବା ରଣନୀତି କୋଭିଡ ସଂକ୍ରମଣକୁ ପ୍ରତିହତ କରିବାରେ ସକ୍ଷମ ହୋଇଛି ।



ସଂଗତିମୟ ସମ୍ମିଶ୍ରଣ

ମହାତ୍ମା ଗାନ୍ଧୀ

ଶରୀର, ମନ ଏବଂ ଆତ୍ମାର ବିବିଧ ସାମର୍ଥ୍ୟ ମଧରେ ଯଥାର୍ଥ ସମନ୍ୱୟ ଏବଂ ସଂଗତି ରହି ନ ପାରିଲେ ଯେଉଁ ଅନିଷ୍ଟକାରୀ ଫଳମାନ ଭୋଗିବାକୁ ହୁଏ, ତାହା ଅତ୍ୟନ୍ତ ସୁସ୍ପଷ୍ଟ । ସେମାନେ ସମସ୍ତ ଆମକୁ ବେଷ୍ଟନ କରି ରହିଛନ୍ତି, କେବଳ ଆମେ ନିଜର ବର୍ତ୍ତମାନର ବିକୃତିଯୁକ୍ତ ସଂସର୍ଗଗୁଡିକ ହେତୁ ସେଗୁଡିକର ବୋଧକୁ ହରାଇ ବସିଛୁ ।

ମନୁଷ୍ୟ କେବଳ ବୁଦ୍ଧି ନୁହେଁ, କେବଳ ଏହି ସ୍ଥୁଳ ପଶୁଶରୀର ନୁହେଁ, କେବଳ ହୃଦୟ ନୁହେଁ ବା କେବଳ ଆତ୍ମା ମଧ ନୁହେଁ । ସମଗ୍ର ମନୁଷ୍ୟର ନିର୍ମାଣ ଲାଗି ଏହି ତିନୋଟି ଯାକର ଏକ ଯଥାର୍ଥ ତଥା ସୁସମନ୍ୱିତ ସହଚାରିତା ଏକାନ୍ତ ଆବଶ୍ୟକ ଏବଂ ଏହାକୁ ହିଁ ଶିକ୍ଷାର ଯଥାର୍ଥ ଅର୍ଥନୀତି ବୋଲି କୁହାଯିବ ।

ଶିକ୍ଷା କହିଲେ ମୁଁ ଶିଶୁ ତଥା ମନୁଷ୍ୟ ଭିତରେ ରହିଥିବା ଶରୀର, ମନ ଏବଂ ଆତ୍ମାର ସର୍ବୋତ୍ତମ ଉପାଦାନଗୁଡିକର ସମଗ୍ର ବିକାଶ କରି ଆଣିବାକୁ ହିଁ ବୁଝିଥାଏ । ସାକ୍ଷାରତା କଦାପି ଶିକ୍ଷାର ଲକ୍ଷ୍ୟ ହୋଇ ପାରିବ ନାହିଁ, ଏପରିକି ତାହାକୁ ଶିକ୍ଷାର ଆରମ୍ଭ ବୋଲି କୁହା ଯିବ ନାହିଁ । ଏହାକୁ କେବଳ ଅନେକ ଭିତରୁ ଏକ ଅନ୍ୟତମ ସାଧନ ବୋଲି କୁହାଯିବ, ଯାହାଦ୍ୱାରା କି ଜଣେ ପୁରୁଷ ଅଥବା ନାରୀ ଶିକ୍ଷା ଲାଭ କରି ପାରିବ । ଖାସ୍ ସାକ୍ଷରତାକୁ କୌଣସି ଶିକ୍ଷା ବୋଲି କୁହାଯିବ ନାହିଁ । ତେଣୁ ପିଲାଙ୍କୁ ପ୍ରଥମେ ଏକ ଉପଯୋଗୀ ଧନ୍ଦା ଶିକ୍ଷା ଓ ପ୍ରଶିକ୍ଷଣର ଆରମ୍ଭରୁ ହିଁ ତାକୁ କିଛି ନା କିଛି ଉତ୍ପାଦନ କରିବାକୁ ଶିଖାଇ ହିଁ ମୁଁ ଜଣେ ଶିଶୁର ଶିକ୍ଷାକୁ ଆରମ୍ଭ କରିବାକୁ ଇଚ୍ଛା କରିବି । ଏହିପରି ଏକ ଶିକ୍ଷାପଦ୍ଧତି ଦ୍ୱାରା ମନ ତଥା ଆତ୍ମାର ସର୍ବୋଚ୍ଚ ବିକାଶ ସମ୍ଭବ ହେବ ବୋଲି ମୋର ମତ । ଅବଶ୍ୟ ଏକଥା ମଧ ଦେଖିବାକୁ ହେବ ଯେ ବର୍ତ୍ତମାନ ପରି ଯନ୍ତ୍ରବତ୍ କୌଣସି ହସ୍ତଧନ୍ଦାର କିପରି ଓ କାହିଁକିକୁ ମଧ ଜାଣିବାର ସୁଯୋଗ ପାଇବ । ଅକ୍ଷରକେନ୍ଦ୍ରିତ ଶିକ୍ଷା ଅପେକ୍ଷା ଶିକ୍ଷାର ସାଂସ୍କୃତିକ ଦିଗ ଉପରେ ମୁଁ ଅନେକ ଅଧିକ ମହତ୍ତ୍ୱ ହିଁ ଦେଇଥାଏ ।

ବୁଦ୍ଧିର ପ୍ରୟୋଗ କରାଯାଇ କରା ଯାଉଥିବା ଉପଯୋଗୀ ଶାରୀରିକ ଶ୍ରମ ବୁଦ୍ଧିକୁ ବିକଶିତ କରି ଆଣିବାଲାଗି ସର୍ବୋତ୍କୃଷ୍ଟ ସାଧନ । ଏକ ସନ୍ତୁଳିତ ବୁଦ୍ଧିମତାର ଅର୍ଥ ହେଉଛି ଯେ, ସେଥିରେ ଶରୀର, ମନ ଏବଂ ଆତ୍ମାର ସୌଷମ୍ୟଯୁକ୍ତ ଅଭିବୃଦ୍ଧି ସମ୍ଭବ ହୋଇଥିବ । ସାମାଜିକ ଦୃଷ୍ଟିରୁ ଉପଯୋଗୀ କୌଣସି ଶ୍ରମର ମାଧମରେ ବିକଶିତ ହୋଇଥିବା ବୃଦ୍ଧି ସେବାରେ ମଧ ଏକ ସାଧନ ହୋଇ ପାରିବ, ତାହା ସହଜରେ ପଥଚ୍ୟୁତ ହୋଇ ଯିବନାହିଁ ବା ଭ୍ରାନ୍ତକାରୀ ମାର୍ଗକୁ ବାଉଳା ହୋଇ ଚାଲି ଯିବନାହିଁ ।

ପେଟକୁ ଉପକାରୀ ମାଠିଆ ପାଣି

ସମୟ ବଦଳିବା ସହିତ ଜୀବନଶୈଳୀର ପରିବର୍ତ୍ତନ ହେତୁ ଆଜିକାଲି ଲୋକେ ମାଠିଆ ପାଣି ବଦଳରେ ଫ୍ରିଜ୍ ପାଣି ପିଇବାକୁ ପସନ୍ଦ କରୁଛନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତି କାରକ କିନ୍ତୁ ମାଠିଆ ପାଣି ହିତକର ।

ବିଷାକ୍ତ ତତ୍ତ୍ୱ ନଷ୍ଟ କରେ: ମାଠିଆ ପାଣି ପ୍ରତିଦିନ ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାରିଯାଏ । ଏହି ପାଣି ସମସ୍ତ ଜରୁରୀ ସୂକ୍ଷ୍ମ ପୋଷକ ତତ୍ତ୍ୱକୁ ମିଳାଇବା ପାଇଁ ମଧ କାମ କରେ । ମାଠିଆ ପାଣି ସଠିକ୍ ତାପମାତ୍ରା ରକ୍ଷା କରିଥାଏ । ଏହା ଅଧିକ ଥଣ୍ଡା ଓ ଗରମ ହୋଇ ନ ଥାଏ ।

ଟେଷ୍ଟୋଷ୍ଟେରନ୍ ସ୍ତର ବଢ଼ିଥାଏ: ମାଠିଆ ପାଣିରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ । ଏହି ପାଣି ପିଇଲେ ଶରୀରରେ ଟେଷ୍ଟୋଷ୍ଟେରନ୍ ସ୍ତର ମଧ ବଢ଼ି ଯାଇଥାଏ । ମାଠିଆରେ କ୍ଷାରୀୟ ଗୁଣ ରହିଥିବା ଦେଖିବାକୁ ମିଳିଥାଏ । ଏହା ଶରୀରର ପିଏଚ୍ ସ୍ତରର ସନ୍ତୁଳନକୁ ରକ୍ଷା କରେ । ଏହି ପାଣି ଏସିଡିଟି ଓ ପେଟ ଯନ୍ତ୍ରଣା ଦୂର କରେ ।

ଗଳା ଠିକ୍ ରଖିଥାଏ: ଫ୍ରିଜର ଥଣ୍ଡା ପାଣି ଗଳା ଓ ଶରୀର ଉପରେ ପ୍ରଭାବ ପକାଏ । ଥଣ୍ଡା ପାଣି ପିଇବା ଫଳରେ ଗଳାର ଗ୍ରନ୍ଥିରେ ଶିଥିଳତା ଆସିଥାଏ । ଯେତେବେଳେ କି ମାଠିଆ ପାଣି ଗଳା ଉପରେ ଭଲ ପ୍ରଭାବ ପକାଇଥାଏ ।

ଗ୍ୟାସଟ୍ରିକ୍ ସମସ୍ୟା ଦୂର କରେ: ଥଣ୍ଡା ପାଣିରେ କବଜା ହୋଇଯାଏ ତଥା ସବୁବେଳେ ଗଳା ଖରାପ ହୁଏ । ମାଠିଆ ପାଣି ଅଧିକ ଥଣ୍ଡା ହୋଇ ନ ଥିବାରୁ ଏହି ପାଣି ସନ୍ତୁଷ୍ଟି ଦେଇଥାଏ । ମାଠିଆକୁ ରଙ୍ଗିନ୍ କରିବା ପାଇଁ ଗେରୁଆ ରଙ୍ଗ ବ୍ୟବହାର କରିବା ଉଚିତ । ଏହା ଗରମରେ ଶୀତଳତା ପ୍ରଦାନ କରିଥାଏ ।

ସ୍ୱାସ୍ଥ୍ୟ ପାଇଁ ହିତକର କଦଳୀ

କଞ୍ଚା ହେଉକି ପାଚିଲା କଦଳୀ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । କେବଳ ଖାଇବାରେ ନୁହେଁ ବରଂ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ଅଧିକ ମାତ୍ରାରେ କରାଯାଇଥାଏ । ଚିପ୍ସ ଠାରୁ ଆରମ୍ଭ କରି ମାଲପୁଆ ସବୁଥିରେ କଦଳୀ ବ୍ୟବହାର ଗୁରୁତ୍ୱ ରହିଛି । ସେପରି ଦେଖିବାକୁ ଗଲେ, ଗୋଟିଏ ମଧ୍ୟମ ଧରଣର କଦଳୀରେ ପାଖାପାଖି ୧୧୮ ଗ୍ରାମ ପୋଷକତତ୍ତ୍ୱ ଭରି ରହିଥାଏ । ଯଥା ଭିଟାମିନ୍ ବି-୬, ଭିଟାମିନ-ସି, ପଟାସିମ୍ୟ, ମ୍ୟାଗ୍ନେସିୟମ, ମାଙ୍ଗାନିଜ, କପର, ଫାଇବର, ପ୍ରୋଟିନ୍, ଫ୍ୟାଟ ଇତ୍ୟାଦି । ତେଣୁ ଏହାକୁ ସେବନ କରିବା ଦ୍ୱାରା ବ୍ୟକ୍ତିଙ୍କୁ ଅନେକ ଲାଭ ମିଳିଥାଏ ।

ପାଚିଲା ହେଉ କି କଞ୍ଚା କଦଳୀ ଖାଇବା ଦ୍ୱାରା ଏହା ଉଚ୍ଚରକ୍ତଚାପକୁ ନିୟନ୍ତ୍ରଣ କରେ । ଏମିତିକି ଏହାକୁ ସେବନ କରିବା ଦ୍ୱାରା ଅଧିକ ସମୟ ପେଟ ଭରି ହୋଇ ରହିଥାଏ ଫଳରେ ବ୍ୟକ୍ତିଙ୍କୁ ତେଲ ମସଲାଯୁକ୍ତ ଖାଦ୍ୟ ଖାଇବାର ଆଉ ଆବଶ୍ୟକତା ପଡି ନ ଥାଏ ।

ପାଚନ ତନ୍ତ୍ର ଲାଗି ଏହା ବେଶ୍ ଲାଭଦାୟକ ହୋଇଥାଏ । ଏହା ଶରୀରକୁ ଶକ୍ତି ଯୋଗାଇବା ସହିତ ହୃଦଜନିତ ସମସ୍ୟାକୁ ଦୁରେଇ ଦିଏ । ଏପରିକି ବୃକକ୍ ଲାଗି କଦଳୀ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ହୋଇଥାଏ । ତେଣୁ ପ୍ରତିଦିନ ଗୋଟିଏ କଦଳୀ ଖାଇବା ଦ୍ୱାରା ଆମେ ସୁସ୍ଥ ଓ ନୀରୋଗ ରହିଥାଉ ।

ଯେଉଁମାନେ ପ୍ରତିଦିନ ବ୍ୟାୟାମ କରୁଥାନ୍ତି ସେମାନଙ୍କ ଲାଗି ଏହା ବେଶ୍ ଲାଭଦାୟକ । ଏହାକୁ ସେବନ କରିବା ଦ୍ୱାରା ଶରୀର ଗଠନ ଠିକ୍ ରହିବା ସହିତ ମଣିଷ ଦୀର୍ଘାୟୁ ହୋଇଥାଏ ।

ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରା ବଢ଼ାଇଥାଏ । ଏହା ପେଟ ଥଣ୍ଡା ରଖିବା ସହ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ଏକ ସ୍ୱତନ୍ତ୍ର ଆମିନୋଏସିଡ ମାନସିକ ଚାପହ୍ରାସ କରେ ।

ବହୁ ଉପକାରୀ ଅଁଳା

ଅଁଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା କେବଳ ଆମ ଶରୀରର ଇମ୍ୟୁନିଟିକୁ ବଢ଼ାଇ ନ ଥାଏ ବରଂ ସବୁ ରୋଗ ପାଇଁ ମହୌଷଧୀ ତୁଲ୍ୟ କାମ କରିଥାଏ । ଏଥିରେ ପ୍ରଚୁର ପରିମାଣ ପୋଷକ ତତ୍ତ୍ୱ ଯଥା ଭିଟାମିନ୍ ସି, ଭିଟାମିନ୍ ଏ ବି କମ୍ପ୍ଲେକ୍ସ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଆଇରନ୍, କାର୍ବୋହାଇଡ୍ରେଟ, ଫାଇବର ଆଦି ରହିଛି ।

ମଧୁମେହ ପାଇଁ ରାମବାଣ : ଅଁଳା ଡାଇବେଟିସ୍ ରୋଗୀଙ୍କ ଚିନ୍ତା ଦୂର କରିଥାଏ । ଅଁଳାରେ ଥିବା କ୍ରୋମିୟମ ତତ୍ତ୍ୱ ଯାହାକି ଇନସୁଲିନ୍ ହର୍ମୋନ୍‌କୁ ମଜଭୁତ କରିବା ଓ ସୁଗାର ଲେବଲକୁ କଣ୍ଟ୍ରୋଲ କରିଥାଏ । ଡାଇବେଟିସ୍ ରୋଗୀ ଅଁଳା ରସରେ ମହୁ ମିଶାଇ ପିଇବା ଫଳରେ ଖୁବ୍ ଫଳ ପ୍ରଦ ହୋଇଥାଏ ।

ହୃଦୟକୁ ସୁସ୍ଥ ରଖେ : ଅଁଳାରେ ଗଚ୍ଛିତ ଥିବା କ୍ରୋମିୟମ୍ ବୀଟା ବ୍ଲାକର ପ୍ରଭାବକୁ କମ କରିଥାଏ, ଏହାଦ୍ୱାରା ହୃଦୟ ମଜଭୁତ ଓ ହେଲଦୀ ରହିଥାଏ । ଖାଲି ସେତିକି ନୁହେଁ, ଅଁଳା କୋଲେଷ୍ଟଲ କମ୍ କରିବାରେ ସହାୟକ ହୋଇଥାଏ ।

ଡାଇଜେସନରେ ସହାୟତା : ଖାଦ୍ୟକୁ ହଜମ କରିବାରେ ଅଁଳା ଖୁବ୍ ସହାୟକ ହୋଇଥାଏ । ଏହାକୁ ଖାଇବା ଫଳରେ କବଜ, ଖଟା ହାକୁଟି ଓ ଗ୍ୟାସ ସମସ୍ୟା ଦୂର ହୋଇଥାଏ ।

ଓଜନ କମ୍ କରେ : ଅଁଳା ଶରୀରର ମେଟାବଲିଜମକୁ ମଜବୁତ କରିବାରେ ସହାୟକ ହୋଇଥାଏ, ଯାହାକୁ ଖାଇବା ଫଳରେ ଓଜନ୍ କମ୍ ହେବାରେ ସହାୟତା ହୋଇଥାଏ ।

ଇଞ୍ଫେକ୍ସନ ଭୟ ଦୂର : ଅଁଳା ବ୍ୟାକ୍ଟେରିଆ ଓ ଫଙ୍ଗାଲ ଇଞ୍ଫେକ୍ସନର ଲଢ଼େଇ କରିବାର ଶକ୍ତି ରହିଛି ଏହା ଶରୀର ଇମ୍ୟୁନିଟିକୁ ବଢ଼ାଇଥାଏ । ଯାହାଦ୍ୱାରା ରୋଗ କବଳରୁ ରକ୍ଷା କରିଥାଏ ।

ଅସ୍ଥି ମଜବୁତ : ଅଁଳାକୁ ଖାଇବା ଫଳରେ ଅସ୍ଥିକୁ ଶକ୍ତି ମିଳିଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ ରହିଛି । ଅସ୍ଥି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ମିଳିଥାଏ ।

ଆଖି ପାଇଁ ଗୁଣକାରୀ : ଅଁଳା ରସ ଆଖି ପାଇଁ ଖୁବ୍ ଗୁଣକାରୀ । ଏହା ଆଖିର ଜ୍ୟୋତିକୁ ବଢ଼ାଇବାରେ ସହାୟକ ହୋଇଥାଏ । ଏହା ମୋତିଆବିନ୍ଦୁକୁ ମଧ୍ୟ ଦୂର କରିଥାଏ ।

ପୁଷ୍ଟିସାରରେ ଭରପୁର ଶିମ୍ବ

ଶିମ୍ବ ଖାଇବାକୁ କେବଳ ସ୍ୱାଦିଷ୍ଟ ନୁହେଁ, ଏହା ମଧ୍ୟ ପୁଷ୍ଟିକର । ଆହୁରି ମଧ୍ୟ ଏହି ଲଟା ବିଭିନ୍ନ ଔଷଧୀୟ କାର୍ଯ୍ୟରେ ଲାଗିଥାଏ । ଶିମ୍ବ ଖାଇବା ଦ୍ୱାରା ଅନେକ ରୋଗରୁ ନିଜକୁ ରକ୍ଷା କରାଯାଇ ପାରିବ । ମ୍ୟାଗ୍ନେସିୟମ୍, କ୍ୟାଲସିୟମ, ଆଇରନ ଏବଂ ଭିଟାମିନ୍ 'ଏ' ଏଥିରେ ଭରପୁର ମାତ୍ରାରେ ରହିଛି । ଶିମ୍ବର ମଞ୍ଜି ପ୍ରୋଟିନରେ ଭରପୁର । ଶିମ୍ବରେ କୋଲେଷ୍ଟରଲକୁ ହ୍ରାସ କରିବା ପାଇଁ ଯଥେଷ୍ଟ ଫାଇବର୍ ରହିଛି । ଏହା ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରିତ କରିଥାଏ । ସେଥିପାଇଁ ମଧୁମେହ ପୀଡିତମାନେ ଶିମ୍ବକୁ ଖାଦ୍ୟରେ ସାମିଲ କରିବା ଦରକାର ।

ଶିମ୍ବରେ ରହିଥିବା ପ୍ରୋଟିନ୍ ଶରୀରର ଅନେକ ଉପକାରରେ ଆସିଥାଏ । ନଖ ଏବଂ କେଶକୁ ମଜଭୁତ ରଖିବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି । ଏହି ପ୍ରୋଟିନ୍ କ୍ଷତିଗ୍ରସ୍ତ ମାଂସପେଶୀକୁ ସୁଦୃଢ଼ କରିଥାଏ । ଶିମ୍ବରେ ଥିବା ପ୍ରୋଟିନ୍ ମଟନରେ ଥିବା ପ୍ରୋଟିନ୍ ଅପେକ୍ଷା ସହଜରେ ହଜମ ହୋଇଯାଏ । ଏହାବାଦ୍ ଶିମ୍ବରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ମିନେରାଲ ଆଦି ଭରପୂର ରହିଛି ।

ପାଚନ କ୍ରିୟାକୁ ଠିକ୍ ରଖିବା ତଥା ହଜମ ଶକ୍ତି ବୃଦ୍ଧି କରିବା ପାଇଁ ଖାଦ୍ୟରେ ଫାଇବର୍‌ର ମାତ୍ରା ଯଥେଷ୍ଟ ରହିବା ଦରକାର । ଶିମ୍ବରେ ଯଥେଷ୍ଟ ଫାଇବର୍ ରହିଛି । ଏଥିରେ କୋଲେଷ୍ଟରଲର ମାତ୍ରା ମଧ୍ୟ କମ୍ ଥାଏ । ଏହା ହୃଦୟକୁ ସୁସ୍ଥ ରଖିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେଉଁ ଲୋକମାନେ ଦୀର୍ଘଦିନ ଧରି ଶିମ୍ବ ଖାଇଛନ୍ତି ସେମାନଙ୍କଠାରେ ହୃଦରୋଗର ସମ୍ଭାବନା ପ୍ରାୟତଃ କମ୍ ରହିଥିଲା । କାରଣ ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାର୍ଟ ବ୍ଲକେଜ୍ ହେବାକୁ ଦିଏ ନାହିଁ ।

ଶିମ୍ବ ରକ୍ତଶର୍କରାକୁ ନିୟନ୍ତ୍ରିତ କରିଥାଏ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏଥିରେ କାର୍ବୋହାଇଡ୍ରେଟ ସହ ଆଇରନ୍ ଉପଲବ୍ଧ । ରକ୍ତହୀନତା ଭୋଗୁଥିବା ରୋଗୀ ଶିମ୍ବ ଖାଇବା ଦ୍ୱାରା ଏହି ସମସ୍ୟା ତା'ର ଦୂର ହୁଏ ।

ପୁଦିନାର ଘରୋଇ ବ୍ୟବହାର

ପୁଦିନା ଓ ଅଦା ରସ ସହିତ ମହୁ ମିଶାଇ ଖାଇଲେ କାଶ ଭଲ ହୋଇଥାଏ । ପୁଦିନା ପତ୍ରକୁ ଖାଲି କିମ୍ବା ଅଳ୍ପ ନଡିଆ ସହିତ ମିଶାଇ ଖାଇଲେ ହାକୁଟି ସମସ୍ୟା ଦୂର ହୋଇଥାଏ । ଟନସିଲ ସମସ୍ୟା ଥିଲେ ପୁଦିନା ରସକୁ ପାଣିରେ ମିଶାଇ ଗାର୍ଗଲିଂ କରନ୍ତୁ, ବେଶ ଆରାମ ମିଳିବ ।

ବାହାରେ ଅଧିକ ସମୟ ଖରାରେ ବୁଲିବା ଯୋଗୁଁ ଯଦି ପାଦ ତଳ ପୋଡାଜଳା ହେଉଥାଏ, ତେବେ ପୁଦିନାକୁ ବାଟି ଫ୍ରିଜରେ ରଖିବା ପରେ ବାହାର କରି ଲଗାନ୍ତୁ ।

ଦହି କିମ୍ବା ଆମ୍ବର କଅଁଳିଆ ପତ୍ର ସହିତ ପୁଦିନାକୁ ବାଟି ପିଇଲେ ପେଟ ବିନ୍ଧା ଭଲ ହୋଇଥାଏ ।

ବିଷାକ୍ତ କୀଟ ଦଂଶନ ପରେ ସେହି ସ୍ଥାନରେ ପୁଦିନା ପେଷ୍ଟ ଲଗାଇଲେ ଆରାମ ମିଳେ ।

୨ ଟି ଲବଙ୍ଗ ସହିତ ପୁଦିନା ପତ୍ର ଓ ଅଳ୍ପ ଜିରା ମିଶାଇ ବାଟି ପିଇଲେ ଅଂଶୁଘାତରୁ ରକ୍ଷା ମିଳିଥାଏ । ପୁଦିନା ସହିତ ଲେମ୍ବୁ ରସ ମିଶାଇ ପିଇଲେ ଯକୃତ ସମସ୍ୟା ଭଲ ହୋଇଥାଏ । ପୁଦିନା ରସ ସହିତ ସୈନ୍ଧବ ଲୁଣ ମିଶାଇ ପିଇଲେ ଅଜୀର୍ଣ୍ଣ ସମସ୍ୟାର ଦୂର ହୋଇଥାଏ । କଫ ହୋଇଥିଲେ ଉଷୁମ ପାଣିରେ ପୁଦିନା ରସ ମିଶାଇ ଦିନକୁ ୩ ଥର ପିଅନ୍ତୁ, ଆରାମ ଲାଗିବ ।

ସ୍ୱାସ୍ଥ୍ୟ ପାଇଁ ହିତକର ତରଭୁଜ

ତରଭୁଜରେ ଲାଇକୋପିନ ରହିଛି, ଯାହା କ୍ୟାନସର ରୋକିପାରେ । ତରଭୁଜରେ ଲାଇକୋପିନର ମାତ୍ରା ଖୁବ୍ ଅଧିକ ଥିବାରୁ ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ ।

ଏହା ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଲାଭପ୍ରଦ । ଏହା କୋଲେଷ୍ଟୋରାଲ ସ୍ତରକୁ ନିୟନ୍ତ୍ରଣରେ ରଖିବା ସହିତ ଓଜନ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

ତରଭୁଜ ଶରୀରର ଜଳୀୟ ଅଂଶ ଦୂର କରିବା ସହ ଗ୍ୟାସ ସମସ୍ୟା ଦୂର କରିଥାଏ ।

ଶରୀରରୁ ହେମୋଗ୍ଲୋବିନ ମାତ୍ରା କମିଲେ ତରଭୁଜ ରସ ପିଇବା ସ୍ୱାସ୍ଥ୍ୟ ହିତକର ହୋଇଥାଏ ।

ତରଭୁଜ ସେବନ କରିବା ଦ୍ୱାରା ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଡାଇରିଆ ଗ୍ୟାସ୍ ଭଳି ସମସ୍ୟାରୁ ରକ୍ଷା କରିବାରେ ମଧ୍ୟ ସହାୟକ ହୋଇଥାଏ ।

ମୋଟାପଣକୁ ନେଇ ଚିନ୍ତିତ ଥିଲେ ତରଭୁଜ ସେବନ କରିବା ବହୁତ ଲାଭଦାୟକ ହୋଇଥାଏ । ଏହା ଓଜନକୁ ନିୟନ୍ତ୍ରଣ ରଖିବା ସହିତ, ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

ଦୂର କରନ୍ତୁ ନିଦ୍ରାହୀନତା

ନିଦ୍ରାହୀନତା ଆଜିର ସମୟର ଏକ ସାଧାରଣ ସମସ୍ୟା । ଯୁବପିଢ଼ୀଙ୍କ ଠାରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳୁଛି । ପରିବର୍ତ୍ତିତ ଜୀବନଚର୍ଯ୍ୟା ଯୋଗୁଁ ନିଦ୍ରାହୀନତା ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ କେତୋଟି ଉପାୟ ଆପଣାନ୍ତୁ ।

ନିୟମିତ ରୂପେ ବ୍ୟାୟାମ କରିବା ଦ୍ୱାରା ମଧ୍ୟ ନିଦ୍ରାହୀନତା ସମସ୍ୟା ଦୂର ହୋଇଥାଏ । ବ୍ୟାୟାମ କରିବା ଦ୍ୱାରା ଥକ୍କା ଲାଗେ । ଏହି ଥକ୍କାପଣ ଯୋଗୁଁ ରାତିରେ ଭଲ ନିଦ ଆସିଥାଏ ।

ଶୋଇବା ପୂର୍ବରୁ ଗୋଡ଼ ଏବଂ ହାତକୁ ଭଲ ଭାବରେ ଧୋଇ ଦିଅନ୍ତୁ । ଏହାପରେ ଗରମ ସୋରିଷ ତେଲ ତଳିପାଦ ଏବଂ ପାପୁଲିରେ ମାଲିସ୍ କରନ୍ତୁ । ଦେଖିବେ



ନିୟମିତ ରୂପେ ଏପରି କରିବା ଦ୍ୱାରା ନିଦ ଭଲ ଆସିବା ସହ ପାଦ ଯନ୍ତ୍ରଣାରୁ ମୁକ୍ତି ମିଳିବ ।

ରାତିରେ ଶୋଇବା ପୂର୍ବରୁ ଗରମ କ୍ଷୀର ପିଇବା ଦ୍ୱାରା ନିଦ୍ରାହୀନତା ଦୂର ହୋଇଥାଏ । ଏଣୁ ଶୋଇବା ପୂର୍ବରୁ ଗରମ କ୍ଷୀରରେ ସାମାନ୍ୟ ହଳଦୀ ମିଶାଇ ପିଇବା ଉଚିତ ।

ମାନସିକ ଚାପ ସାଧାରଣତଃ ନିଦ୍ରାହୀନତାର ମୁଖ୍ୟ କାରଣ । ଅନେକ ଲୋକ ଏଥିପାଇଁ ରାତିରେ ଭଲ ଭାବରେ ଶୋଇ ପାରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଆପଣ ନିଜ ପସନ୍ଦର ଗୀତ ଶୁଣିପାରିବେ କିମ୍ବା ବହି ପଢ଼ି ପାରିବେ । ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳେ ଏବଂ ନିଦ ଭଲ ଆସେ ।

ରାମକଥା

ବିଭୀଷଣ କହିଲେ, 'ଶ୍ରୀରାମଚନ୍ଦ୍ରଙ୍କର ପୁଣି ମୁଁ କି ପ୍ରକାର ସହାୟତା କରି ପାରିବି ? ସେ ତ ସ୍ୱୟଂ ପରମାତ୍ମା । ମୁଁ କେବଳ କିଛି ସେବା କରି ପାରିବି । ମୁଁ ନିଷ୍କପଟ ଭାବରେ ପ୍ରଭୁଙ୍କର ସେବା କରିବି ।

ଏଥର ସମୁଦ୍ର ପାରି ହେବା ପାଇଁ ଶ୍ରୀରାମ ଇଚ୍ଛା କଲେ । ପ୍ରଭୁ ସର୍ବସମର୍ଥ । ତେବେ ବି ସେ ଧର୍ମ ମର୍ଯ୍ୟାଦା ରକ୍ଷା କରନ୍ତି । ସେ କିପରି ସମୁଦ୍ର ପାରିହେବେ ବୋଲି ବିଭୀଷଣଙ୍କ ପରାମର୍ଶ ଲୋଡିଲେ । ସମୁଦ୍ରମାର୍ଗ ଦେଉ, ଏଥି ନିମନ୍ତେ ଶ୍ରୀରାମ ପ୍ରଥମେ ସମୁଦ୍ରଦେବଙ୍କୁ ପ୍ରାର୍ଥନା କରିବା ଉଚିତ ହେବ । ଏପରି ସିଦ୍ଧାନ୍ତ ଶୁଣି ଲକ୍ଷ୍ମଣଙ୍କ ମନ କଷ୍ଟ ହେଲା । ଶ୍ରୀରାମ ଲକ୍ଷ୍ମଣଙ୍କୁ ପ୍ରବୋଧନା ଦେଲେ-

ସୁନତ ବିହସି ବୋଲେ ରଘୁବୀରା । ଐସେହିଁ କରବ ଧରହୁ ମନ ଧୀରା ।

ଶ୍ରୀରାମ ତିନିଦିନ ଧରି ସମୁଦ୍ରକୁ ମାର୍ଗ ମାଗିବାରେ ଲାଗିଥିଲେ । ମାତ୍ର ସମୁଦ୍ର ତାଙ୍କର ଟିକିଏ ବୋଲି ଶୁଣିଲା ନାହିଁ । ଏହା ଦେଖି ପ୍ରଭୁ ଲକ୍ଷ୍ମଣଙ୍କୁ କହିଲେ, ଲକ୍ଷ୍ମଣ ! ତୁ ମୋ ଧନୁର୍ବାଣ ଆଣ । ସମୁଦ୍ର ମୋତେ କ'ଣ ବୋଲି ଭାବିଛି କି ? ମୋତେ ଅପମାନ କରୁଛି । ମୁଁ ଏହି ମୁହୂର୍ତ୍ତରେ ଆଗ୍ନେୟାସ୍ତ୍ର ପ୍ରୟୋଗ କରି ସମୁଦ୍ରକୁ ଶୁଖାଇ ଦେବି ।

ଶ୍ରୀରାମ ଧନୁର୍ବାଣ ଧରି ପ୍ରସ୍ତୁତ ହୋଇଗଲେ । ସମୁଦ୍ରଦେବ ଭୟରେ କାତର ହୋଇଉଠିଲେ । ସେ ସବୁର୍ଣ୍ଣ ଥାଳୀରେ ଅନେକ ମଣି ରତ୍ନ ଆଦି ଉପହାର ଧରି ଶ୍ରୀରାମଙ୍କ ସମ୍ମୁଖରେ ଆବର୍ଭାବ ହୋଇଗଲେ । ଶ୍ରୀରାମଙ୍କୁ ପ୍ରଣାମ କଲେ । ଆଉ କ୍ଷମା ମାଗିଲେ ।

ଶ୍ରୀରାମଚନ୍ଦ୍ର ତାଙ୍କୁ କହିଲେ, 'କ୍ଷମା ଦେଉଛି, ହେଲେ ଧନୁରେ ସଂଯୁକ୍ତ ହୋଇଥିବା ବାଣ ତ ମୁଁ ଫେରାଇ ନେଇପାରିବି ନାହିଁ, ଏହାକୁ କେଉଁ ସ୍ଥାନକୁ ପଠାଇବି କୁହ ।

ସମୁଦ୍ରଦେବ କହିଲେ ପ୍ରଭୁ । ମୋର ଉତ୍ତର କୂଳରେ ଅନେକ ରାକ୍ଷସ ଅଛନ୍ତି । ସେମାନେ ମୋତେ ବହୁତ କଷ୍ଟ ଦେଉଛନ୍ତି । ଆପଣ ସେମାନଙ୍କୁ ନାଶ କରି ଦିଅନ୍ତୁ । ଆପଣଙ୍କ ବାନର ସେନାରେ ନଳ ଆଉ ନୀଳ ଅଛନ୍ତି । ଏ ଦୁହେଁ ସମୁଦ୍ର ଉପରେ ପୋଲ ତିଆରି କରିଦେବେ । ଏମାନେ ଶିଳ୍ପ ଶାସ୍ତ୍ର ଜ୍ଞାତା । ଆପଣ ସେତୁ ନିର୍ମାଣ କଲେ ଆପଣଙ୍କ କୀର୍ତ୍ତି ଚିରକାଳ ପାଇଁ ରହିଯିବ ।

ଶ୍ରୀରାମ ଖୁସୀ ହେଲେ । ସେ ବାନର ସେନାଙ୍କୁ ଆଦେଶ ଦେଲେ । ବାନର ସେନା ବିଶାଳ ବିଶାଳ ପଥର ବୋହି ଆଣିଲେ । ନଳ ଆଉ ନୀଳ ସମୁଦ୍ର ଉପରେ ସେତୁ ନିର୍ମାଣ କଲେ ।

ଶ୍ରୀରାମ ପ୍ରତିଦିନ ଭଗବାନ ଶଙ୍କରଙ୍କୁ ପୂଜା କରୁଥିଲେ । ସମୁଦ୍ର କୂଳର ଦିବ୍ୟଭୂମି ଦେଖି ଶ୍ରୀରାମଙ୍କୁ ଆନନ୍ଦ ଲାଗିଲା । ଆଉ ସେଠାରେ ଏକ ଶିବଲିଙ୍ଗ ସ୍ଥାପନ କରିବାକୁ ତାଙ୍କର ଇଚ୍ଛା ହେଲା । ହେଲେ ସେଠାରେ ଶିବଲିଙ୍ଗ ମିଳିଲା ନାହିଁ । ତେଣୁ ଶିବଲିଙ୍ଗ ଆଣିବା ପାଇଁ ହନୁମାନଙ୍କୁ କାଶୀ ପଠାଗଲା । ହନୁମାନ ଫେରୁ ଫେରୁ ବିଳମ୍ବ ହେଲା । ଏଣୁ ଶ୍ରୀରାମ ବାଲୁକାରେ ଶିବଲିଙ୍ଗ କରି ରାମେଶ୍ୱରଙ୍କୁ ସ୍ଥାପନା କରିଦେଲେ । ସେଠାକୁ ଅନେକ ଋଷି ଆସିଲେ । ଶ୍ରୀରାମ ଶିବଙ୍କୁ ପୂଜା କଲେ । ଭଗବାନ ଶଙ୍କର ଖୁବ୍ ପ୍ରସନ୍ନ ହେଲେ । ଲିଙ୍ଗରୁ ଶିବ ପାର୍ବତୀ ପ୍ରକଟ ହେଲେ ।

ଋଷିମାନେ ଶ୍ରୀରାମଙ୍କୁ ପଚାରିଲେ, ପ୍ରଭୁ ! ରାମେଶ୍ୱରର ଅର୍ଥ ବୁଝାନ୍ତୁ ।

ଶ୍ରୀରାମ କହିଲେ ରାମସ୍ୟ ଈଶ୍ୱର ଯଃ ସଃ ରାମେଶ୍ୱର ।

ଶ୍ରୀରାମଙ୍କର ଈଶ୍ୱରଙ୍କୁ ରାମେଶ୍ୱର କୁହାଯାଏ । ମୁଁ ହେଉଛି ଶିବଙ୍କ ସେବକ । ଶିବ ହେଉଛନ୍ତି ମୋର ସ୍ୱାମୀ ।

ସେତେବେଳେ ଶିବ କହିଲେ, ନା ଏପରି ଅର୍ଥ ହେବନାହିଁ । ମୁଁ ରାମଙ୍କର ଈଶ୍ୱର ନୁହେଁ । ମୁଁ ହେଉଛି ରାମଙ୍କର ସେବକ । ରାମେଶ୍ୱରର ଅର୍ଥ ହେଉଛି - ରାମଃ ଈଶ୍ୱରୋ ଯସ୍ୟ ସଃ ରାମେଶ୍ୱରଃ ।

ରାମ ଯାହାଙ୍କର ସ୍ୱାମୀ ତାଙ୍କୁ ରାମେଶ୍ୱର କୁହାଯାଏ । ମୁଁ ପ୍ରତିଦିନ ରାମନାମ ଜପ କରୁଥାଏ । ଶ୍ରୀରାମଙ୍କୁ ଧ୍ୟାନ କରୁଥାଏ । ଶିବ କୁହନ୍ତି - ରାମ ଯାହାଙ୍କ ସ୍ୱାମୀ ସେ ରାମେଶ୍ୱର । ଶ୍ରୀରାମ କୁହନ୍ତି- ରାମଙ୍କର ସ୍ୱାମୀ ହେଉଛନ୍ତି ରାମେଶ୍ୱର । ଦୁହିଁଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ହେଲା । ଭଗବାନ ଶଙ୍କର କହିଲେ, ତୁମେ ମୋର ସ୍ୱାମୀ । ମୁଁ ତୁମର ସେବକ । ଶ୍ରୀରାମ କହିଲେ, ନା, ନା, ଏପରି ନୁହେଁ । ମୁଁ ତୁମର ସେବକ ଆଉ ତୁମେ ମୋ ସ୍ୱାମୀ ।

ଋଷିମାନେ ଦେଖିଲେ ଦ୍ୱନ୍ଦ୍ୱ ଉପସ୍ଥିତ ହୋଇଗଲାଣି । ସେମାନେ ତେଣୁ ସେମାନଙ୍କର ନିର୍ଣ୍ଣୟ ଦେବାକୁ ଯାଇ କହିଲେ ଆପଣ ଦୁହେଁ ହେଉଛନ୍ତି ଏକ ।

ଶିବ ଆଉ ରାମ ଦୁହେଁ ହେଉଛନ୍ତି ଏକ । ହରି ହରଙ୍କ ମଧ୍ୟରେ ପ୍ରଭେଦ ରଖୁଥିବା ଲୋକର ମଙ୍ଗଳ ହୁଏ ନାହିଁ । ରାମାୟଣର ଏହା ହେଉଛି ଦିବ୍ୟ ସିଦ୍ଧାନ୍ତ ।

ଭାଗବତରେ ବି ଅନେକ ପ୍ରସଙ୍ଗ ଅଛି ଯେଉଁଥିରେ ଏହି ସିଦ୍ଧାନ୍ତ ବର୍ଣ୍ଣନା କରାହୋଇଛି । ଅନେକ ଭକ୍ତ ଅଛନ୍ତି ଯେଉଁମାନେ ଶିବଙ୍କ ଉପାସନା କରିବାକୁ ସଙ୍କୋଚ କରନ୍ତି । ସେମାନେ କିନ୍ତୁ ଜାଣନ୍ତି ନାହିଁ ଯେ ବୈଷ୍ଣବଙ୍କର ଗୁରୁ ହେଉଛନ୍ତି ଭଗବାନ ଶିବ । ଜଗତରେ ଯେତେ ଧର୍ମ ତଥା ସମ୍ପ୍ରଦାୟ ଅଛି ସେ ସମସ୍ତର ପ୍ରବର୍ତ୍ତକ ହେଉଛନ୍ତି ଭଗବାନ ଶିବ । ଶିବଙ୍କୁ ପୂଜା କଲେ ଶ୍ରୀରାମ ଶ୍ରୀକୃଷ୍ଣ କ'ଣ ନାରାଜ ହୋଇଯିବେ ? ସେମାନେ ସ୍ୱୟଂ କହିଛନ୍ତି, ଆମର ଆଉ ଶିବଙ୍କ ଭିତରେ ଯାହାର ଭେଦଭାବ ଥିବ ସେ ନରକଗାମୀ ହେବ ।

ଏକନାଥ ମହାରାଜ 'ଭାବାର୍ଥ ରାମାୟଣ'ରେ ହରିହର କଥାର ଅଭେଦତା କହିଛନ୍ତି । ସତ୍ତ୍ୱ, ରଜ ତମ ଏହି ତିନିଗୁଣ ନିମନ୍ତେ ତିନିଜଣ ଦେବତାଙ୍କୁ ପ୍ରତୀକ କରା ହୋଇଛି । ସତ୍ତ୍ୱ ଗୁଣର ରଙ୍ଗ ହେଉଛି ଧଳା, ରଜୋଗୁଣର ନାଲି ଆଉ ତମୋଗୁଣର ରଙ୍ଗ କଳା । ଭଗବାନ ବିଷ୍ଣୁ ହେଉଛନ୍ତି ସତ୍ତ୍ୱଗୁଣର ସ୍ୱାମୀ, ଏଣୁ ତାଙ୍କ ରଙ୍ଗ ଗୋରା ହେବା କଥା । ମାତ୍ର ସେ ହେଉଛନ୍ତି ଶ୍ୟାମଳ । ଶିବ ହେଉଛନ୍ତି ତମୋଗୁଣର ସ୍ୱାମୀ । ସେ ଶ୍ୟାମବର୍ଣ୍ଣ ହେବା କଥା, ମାତ୍ର ସେ ହେଉଛନ୍ତି ଗୋରା । ଶିବ ଗୋରା ଆଉ ବିଷ୍ଣୁ କଳା ଏପରି ହେଲେ କିପରି ? ଏକନାଥ ମହାରାଜ କୁହନ୍ତି - 'ବିଷ୍ଣୁ ପ୍ରଥମେ ଗୋରା ଥିଲେ ଆଉ ଶିବ ଥିଲେ ଶ୍ୟାମଳ । ଶିବ ସବୁବେଳେ ନାରାୟଣଙ୍କୁ ଧ୍ୟାନ କରୁଥିଲେ । ଏପରି ଧ୍ୟାନ କରି କରି ସେ ନାରାୟଣଙ୍କ ଗୋରା ରଙ୍ଗ ପାଲଟି ଗଲେ । ନାରାୟଣ ଶିବଙ୍କୁ ଧ୍ୟାନ କରି କରି ଶିବଙ୍କର ଶ୍ୟାମଳ ରଙ୍ଗରେ ପାଲଟିଗଲେ । ଯାହାଙ୍କୁ ଧ୍ୟାନ କରାଯାଏ, ତା'ର ସ୍ୱରୂପ, ଆକୃତି ଆଉ ସ୍ୱଭାବ ଧ୍ୟାନକାରୀ ଆହରଣ କରିନିଏ । ଶିବ ଆଉ ବିଷ୍ଣୁ ଜଣେ ଅନ୍ୟ ଜଣଙ୍କୁ ଧ୍ୟାନ କରନ୍ତି ଏଣୁ ଦୁହେଁ ଅଭେଦ । ଶିବ ଆଉ ବିଷ୍ଣୁ ପରସ୍ପର ପରସ୍ପରକୁ ପ୍ରେମ ରଖନ୍ତି । ହେଲେ ଏମାନଙ୍କ ଭକ୍ତମାନେ ପରସ୍ପର ପ୍ରତି ପ୍ରେମ ରଖନ୍ତି ନାହିଁ । ହରିହରଙ୍କ ମଧ୍ୟରେ ପ୍ରଭେଦତା ଆଣି ଭକ୍ତିକୁ ନଷ୍ଟ ନ କରିବା ଉଚିତ । ହରି ହର ହେଉଛନ୍ତି ଏକ ।

ସ୍ୱର୍ବେଦ



ସୁରତି ମନା କେ ସାଥ ତଜି,
ଅନ୍ତର ମୁଖ ପରବେଶ ।
ଶ୍ୱେତ ସିଂହାସନ ପୁରୁଷକା, କରତ
ଆରତୀ ବେଶ । (୬୫)

ଭାଷ୍ୟ: ସୁରତି ମନର ସାଙ୍ଗ ଛାଡି ଅନ୍ତର୍ମୁଖ ଗମନ କରି ଶ୍ୱେତଭୂମିରେ ସ୍ଥିତ ଦିବ୍ୟ ସତ ପୁରୁଷଙ୍କ ଆରତି କରେ ।

ସୁଷମନ ଚବର ଡୋଳାବତୀ,
ନୌବତ ଅନହଜ ବାଜ ।
ଜଗମଗ ଜ୍ୟୋତି ହୋ ରହି, ଶବ୍ଦ
ନିରନ୍ତର ଗାଜ । (୬୬)

ଭାଷ୍ୟ: ସେହି ଶ୍ୱେତଧାମର ସୁଷ୍ମନା, ଚବର, ତାଳିହୁଏ ଏବଂ ଦ୍ୱାରରେ ବିବିଧ ପ୍ରକାରର ଅନହଦ ବାଜେ ଏବଂ ଅକ୍ଷର ମଣ୍ଡଳରେ ଦିବ୍ୟ ଜ୍ୟୋତି ପ୍ରକାଶ କରୁଛି ଏବଂ ଚେତନ ମହାମଣ୍ଡଳରେ ଅଖଣ୍ଡ ଧ୍ୱନି ବ୍ୟାପକ ଏବଂ ପରିପୂର୍ଣ୍ଣ ସତ୍ତାରେ ପ୍ରକାଶମାନ ହେଉଅଛି । ସୁଷ୍ମନା, ଅନହଦକୁ ଚବର ଓ ନୌବତ କହି ଅଳଙ୍କାର ରୂପରେ ବର୍ଣ୍ଣନା କରାଯାଇଛି । ବ୍ୟକ୍ତ ଜଗତର ବୋଧ ପାଇଁ ବ୍ୟକ୍ତ ପଦାର୍ଥ ଗୁଡିକର ଉପମା ଦେଇ ଅବ୍ୟକ୍ତ ବସ୍ତୁର ନିରୂପଣ ହୁଏ ।

ଅନ୍ତର୍ମୁଖ ସୁରତି ଭଇ, ମୋହ
ଶୋକ ସନ୍ତାପ ।
ଦୃଶ୍ୟ ଦ୍ୱନ୍ଦ ବିପଦା ଗଇ, ବିଘ୍ନ
ଅଛାଦିତ ମାପ । (୬୭)

ଭାଷ୍ୟ: ଅନ୍ତର୍ମୁଖ ସୁରତିରେ ପ୍ରବେଶ ହେଲେ ମୋହ, ଶୋକ, ସନ୍ତାପ ଓ ପ୍ରାକୃତିକ ସମସ୍ତ ଦୃଶ୍ୟ ଏବଂ ତ୍ରିଗୁଣର ଜ୍ୱଳ ଓ ଉପଦ୍ରବ ଶାନ୍ତ ହୋଇ ଭିତରର ସମସ୍ତ ବିଘ୍ନ ନଷ୍ଟ ହୋଇଯାଏ ।

କାଳଚକ୍ର ସେ ପୃଥକ୍ ରହ, କାଳ
ଚକ୍ର କୋ ଦେଖ ।
ବିତରାଗ ଯହ ପୁରୁଷ ହୈ,
ଜୀବନମୁକ୍ତି ପରପେଖ । (୬୮)

ଭାଷ୍ୟ: ବିହଙ୍ଗମ ଯୋଗାଭ୍ୟାସ ଦ୍ୱାରା ଅନ୍ତର୍ମୁଖ ସୁରତିର ପ୍ରବେଶ ହୋଇ ସମସ୍ତ ଦ୍ୱନ୍ଦ୍ୱ ନାଶ ହୋଇଯାଏ ଏବଂ ସେହି ବିତରାଗୀ ପୁରୁଷ ଜୀବନ୍ମୁକ୍ତିର ସୂକ୍ଷ୍ମ ଅନ୍ତର୍ଦୃଷ୍ଟିକୁ ପାଇ ପ୍ରକୃତି ଚକ୍ରରୁ ପୃଥକ୍ ହୋଇ ସଂସାର ଚକ୍ରକୁ ଦେଖେ । ଜୀବନ୍ମୁକ୍ତ ଯୋଗୀକୁ ବାହାର ଭିତର ସମସ୍ତ ଦୃଶ୍ୟର ସ୍ପଷ୍ଟଜ୍ଞାନ ହୋଇଯାଏ ଓ ଶ୍ରୀ ପ୍ରକୃତି ଚକ୍ର ମାୟା ପରିଣାମରୁ ଛାଡିହୋଇ ଯାଇ ନିଜକୁ ପ୍ରକୃତିରୁ ଭିନ୍ନ ସ୍ୱରୂପରେ ପ୍ରାପ୍ତ ହୋଇ ଅଲଗା କାଳଚକ୍ରକୁ ଦେଖେ । ଅର୍ଥାତ୍ ଜୀବନ୍ମୁକ୍ତ ଯୋଗୀ ନିଜର ଚେତନ ସ୍ୱରୂପରେ ବ୍ରହ୍ମାନନ୍ଦଙ୍କୁ ପ୍ରାପ୍ତ ହୋଇ ନିଜକୁ ସେ ପୃଥକ କାଳଚକ୍ରକୁ ଦେଖେ ।

ସୃଷ୍ଟିଚକ୍ର ଦେଖତ ରହେ, ଆପଚକ୍ର
ମେ ନାହିଁ
ଧୀର ପ୍ରବୃଦ୍ଧ ଯହ ଆତମା, ଦୁର୍ଲଭ
ହୈ ଜଗମାହି । (୬୯)

ଭାଷ୍ୟ: ଜୀବନ୍ମୁକ୍ତ ଜ୍ଞାନବାନ୍ ଯୋଗୀ ନିଜ ଶୁଦ୍ଧ ଭୂମିରେ ବସି ସଂସାରର ସମସ୍ତ କାମ କରେ ଏବଂ ସେଥିରୁ ଜ୍ଞାନଯୁକ୍ତି ଯୋଗ କଳାରେ ଅସଙ୍ଗ ଦଳ କମଳପରି ସଂସାରରୁ ପୃଥକ୍ ରହେ । ସଂସାର ଚକ୍ରକୁ ଦେଖି ନିଜ ସାକ୍ଷୀ ମାତ୍ର ହୋଇ ସେଥିରୁ ଅଲଗା ରହେ । ଏପରି ଜୀବନ୍ମୁକ୍ତ ଅସଙ୍ଗ ଯୋଗୀ ସଂସାରରେ ନିର୍ଲେପ ହୋଇ ପରମାନନ୍ଦଙ୍କୁ ଉପଭୋଗ କରନ୍ତି । ସଂସାରରେ ଏପରି ଜୀବନ୍ମୁକ୍ତ ଯୋଗୀ ଅତ୍ୟନ୍ତ ଦୁର୍ଲଭ ଅଟେ, ଅର୍ଥାତ୍ ଏହି ମହାନ୍ ପଦକୁ କୌଣସି ବିଶେଷ ପୁଣ୍ୟ ପ୍ରତାପବାନ ପୁରୁଷାର୍ଥୀ ଏବଂ ଯୋଗଯୁକ୍ତ ଯୋଗୀ ହିଁ ପ୍ରାପ୍ତ କରେ । ଏହି ପଦରେ ଜୀବନ୍ମୁକ୍ତ ଯୋଗୀର ଲକ୍ଷଣ ବତାଯାଇଛି ।

କେଲି ଚକ୍ର ଯୋ ଚଢ଼ତ ହୈ,
ଚକ୍ରଫେର ମେଁ ଧାୟ ।
ଦେବ ସଦାଫଳ ପୃଥକ୍ ହୈ, ଦର୍ଶକ
ମୋହ ନ ପାୟ । (୭୦)

ଭାଷ୍ୟ: ଇନ୍ଦ୍ରୀୟ ଭୋଗ, ବିଷୟ-ପ୍ରବାହରେ ବହୁଥିବା ଅଜିତେନ୍ଦ୍ରିୟ ପୁରୁଷ ବାରମ୍ବାର ବିଷୟ- ପ୍ରବାହରେ ବହୁଥିବା ନିଜ ଜୀବନକୁ ଅଶାନ୍ତ କରି ରହେ । ପରନ୍ତୁ ବିତରାଗୀ ଜୀବନ୍ମୁକ୍ତ ଯୋଗୀ ସଂସାର ବିଷୟ, ରାଗ, ପ୍ରପଞ୍ଚ ଏବଂ ବାସନାରୁ ପୃଥକ୍ ରହି ସଂସାର ଦୃଶ୍ୟର ଦ୍ରଷ୍ଟା ଅସଙ୍ଗ ହୋଇ ମୋହଫାଂଶରେ ଫସେ ନାହିଁ । ଯେପରି ଭୂମିର କାଦୁଅ ଆକାଶକୁ ମୋଟି ପାରେ ନାହିଁ, ସେହି ପରି ପ୍ରାକୃତିକ ଇନ୍ଦ୍ରିୟଗୁଡିକ କର୍ମ ଯୋଗୀ ମୋହ ପାଶରେ ବାନ୍ଧେ ନାହିଁ । ଜୀବନ୍ମୁକ୍ତ ଯୋଗୀଙ୍କ ଠାରେ ମୋହ ରହେ ନାହିଁ । ସେହି ଇନ୍ଦ୍ରିୟ କର୍ମମାନଙ୍କର ଅକର୍ତ୍ତା ହୋଇ ସଂସାରର ପ୍ରବାହକୁ ଦେଖି ନିଜ ଆତ୍ମରତିରେ ନିମଗ୍ନ ରହେ । ତାକୁ ପ୍ରକୃତି ନିଜ ସ୍ୱରୂପରେ ବାନ୍ଧି ପାରେ ନାହିଁ । ଏହା ଜୀବନ୍ମୁକ୍ତ ଯୋଗୀର ସ୍ୱରୂପ ଅଟେ । ଯୋଗୀଙ୍କ ଠାରେ ମାୟା, ମୋହ ଏବଂ କଳ୍ମଷର ପ୍ରତୀତ ହୁଏ ନାହିଁ । ସେ ପ୍ରକୃତିର ସମସ୍ତ ବନ୍ଧନରୁ ମୁକ୍ତ ରହିଥାଏ । ସେ ପ୍ରକୃତିର ସମସ୍ତ କର୍ମର ଅସଙ୍ଗ ଅବସ୍ଥାରେ ହିଁ ପ୍ରାପ୍ତ କରିଥାଏ । ଏଥିପାଇଁ ମୋହ ଶୋକରୁ ଦୂର ରହିଥାଏ । ପ୍ରକୃତି ଭୋଗ୍ୟ ଓ ଆତ୍ମା ଭୋକ୍ତା ଅଟେ । ବାସ୍ତବରେ ଯାହାର ଅଧିକରେ ମନ, ବୁଦ୍ଧି ଏବଂ ପ୍ରାଣ ରହେ, ଏହି ତିନି ବଶବର୍ତ୍ତୀ କାରଣରେ ପ୍ରାକୃତିକ କାର୍ଯ୍ୟ ଗୁଡିକ ଶୁଦ୍ଧି ରୂପରେ କରେ । ଅତଏବ ଜୀବନ୍ମୁକ୍ତ ଯୋଗୀ ମାୟା ଜଗତକୁ ଦେଖିବା ବାଲା ଅଟନ୍ତି । ତାଙ୍କୁ ସଂସାରର ମୋହ ସ୍ପର୍ଶ କରେ ନାହିଁ ।

ପଣସର ଉପକାରିତା

ବିଦେଶୀ ରାଇଜରେ ଫୁଡ୍ ଷ୍ଟୋରଗୁଡିକରେ ଫ୍ରୋଜେନ୍ ପଣସ କଠା ଓ ପ୍ୟାକେଟ୍ ପାଚିଲା ପଣସ ମିଳେ, ଆମ ଦେଶରେ କିନ୍ତୁ ଯେଉଁ ଅଞ୍ଚଳକୁ ଗଲେ ମଧ୍ୟ ପଣସ ଗଛର ଭିଡ ଦେଖିବାକୁ ମିଳିଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଉଭୟ ପଣସ କଠା ଓ ପାଚିଲା ପଣସରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଥିବାରୁ ଋତୁ ଅନୁସାରେ ଏସବୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଭରପୁର ଥିବା ପାଚିଲା ପଣସ ଖାଇଲେ ଶରୀରରେ କର୍କଟ ପ୍ରତିରୋଧୀ ଶକ୍ତି ବୃଦ୍ଧି ହୁଏ, ନେଦରଲ୍ୟାଣ୍ଡର ଏକ କର୍କଟ ଆରୋଗ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ସତେଜ ପାଚିଲା ପଣସ ଖାଇବାକୁ ଦିଆଯାଏ । ଡାକ୍ତରଙ୍କ ମତରେ ରୋଗୀମାନେ ନିୟମିତ ଏହି ଫଳଟି ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ଖାଦ୍ୟ ମଧ୍ୟ ଭଲ ଭାବେ ହଜମ ହୁଏ ।

ଯକୃତ ପାଇଁ ଏହି ପାଚିଲା ଫଳର ପୋଷକତତ୍ତ୍ୱ ଔଷଧ ଭାବେ କାମ

କରେ, ଅନୁଧ୍ୟାନରୁ ଜଣାପଡିଛି ଯେ ମେଦବହୁଳ ରୋଗୀ, କର୍କଟ ରୋଗୀ, ହୃଦରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧାରିବା ନିମନ୍ତେ ମଧ୍ୟ ପାଚିଲା ପଣସର ପ୍ରୋଟିନ୍ ଭଲ ଭାବେ କାମ କରେ ।

ଜାପାନୀ ମହିଳାମାନେ ତ୍ୱଚା ଭାଙ୍ଗରୁ ବର୍ତ୍ତିବା ପାଇଁ ଏହି ଫଳକୁ ଋତୁ ଅନୁସାରେ ନିୟମିତ ଭାବେ ଖାଉଥିବାର ଜଣାପଡିଛି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଚିଲା ପଣସର ତତ୍ତ୍ୱ ମାନସିକ ଚାପ, ଅବସାଦକୁ ମଧ୍ୟ କମ୍ କରେ । ପରୀକ୍ଷାମୂଳକ ଭାବେ ଚେନ୍ନଇର ଏକ କମ୍ପାନୀ ନିଜର ୨୦୦ କର୍ମଚାରୀଙ୍କୁ ନେଇ ଏହି ଫଳର ପ୍ରୟୋଗ କରିଥିଲା । ସପ୍ତାହରେ ୪ ଦିନ ସେମାନଙ୍କୁ ଦ୍ୱିପହର ଭୋଜନ ପରେ ଜଳଖିଆ ଭାବେ ଏହି ପାଚିଲା ପଣସ ଖାଇବାକୁ ପରାମର୍ଶ ଦିଆଗଲା । ୫୫% ରୁ ଅଧିକ କର୍ମଚାରୀଙ୍କ ମାନସିକ ଚାପ କମ୍ ହୋଇଥିବାର ଜଣାପଡିଥିଲା ।

ଭିଟାମିନ୍ ଏ ଭରପୁର ପଣସ ଖାଇଲେ ଆଖିକୁ ମଧ୍ୟ ଜ୍ୟୋତି ମିଳୁଥିବାର ବିଶେଷଜ୍ଞ କହିଛନ୍ତି । ପୋଟାସିୟମର ଉତ୍ତମ ଉତ୍ସ ଭାବେ ଜଣାଯାଉଥିବା ପାଚିଲା ପଣସ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ଶରୀରରେ କୋଲେଷ୍ଟୋରଲ ସ୍ତରକୁ କମ୍ କରେ । ଓଜନକୁ କମ୍ କରିବାକୁ ଚାହୁଁଥିବା ଲୋକେ ଖାଦ୍ୟ ତାଲିକାରେ ପାଚିଲା ପଣସକୁ ସାମିଲ କରନ୍ତୁ ।

ଚାପମୁକ୍ତ ହେଲେ ବଞ୍ଚିହେବ ଦେଢ଼ଶହ ବର୍ଷ

କରୋନା ମହାମାରୀ ବୁଝାଇ ଦେଇଛି ଜୀବନର ସଂଜ୍ଞା । ପାଖାପାଖି ଦେଢ଼ ବର୍ଷ ହେଲା ଅଦୃଶ୍ୟ ଭୂତାଣୁ ସହିତ ଚାଲିଥିବା ଯୁଦ୍ଧରେ ଆଧୁନିକ ମଣିଷ ସ୍ୱାସ୍ଥ୍ୟକୁ ନେଇ ହୋଇଉଠିଛି ଅଧିକ ସତର୍କ । କେମିତି ଏକ ସୁସ୍ଥ ତଥା ନିରାମୟ ଜୀବନ ବିତାଯାଇ ପାରିବ ତାହାକୁ ନେଇ ବିଶେଷଜ୍ଞମାନେ ଗବେଷଣା ଚଳାଇଥିବା ବେଳେ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଏଥିଲାଗି ଉଦ୍ୟମ ଆରମ୍ଭ ହୋଇଛି । ଭୂତାଣୁର ଭୟାବହତା ଭିତରେ ଏକ ରୋଚକ ତଥ୍ୟ ପଦାକୁ ଆସିଛି । ଚାପମୁକ୍ତ ଜୀବନ ଶୈଳୀ ମଣିଷର ଆୟୁକୁ ବହୁଗୁଣିତ କରିଦେବାର କ୍ଷମତା ରଖେ ବୋଲି ସିଙ୍ଗାପୁରଭିତ୍ତିକ କମ୍ପାନୀ ଜେରୋ ଏବଂ ନ୍ୟୁୟର୍କସ୍ଥିତ ରୋଜଓ୍ୱେଲ ପାର୍କ କମ୍ପ୍ରେହେନସିଭ୍ କ୍ୟାନ୍ସର ସେଣ୍ଟର ପକ୍ଷରୁ ହୋଇଥିବା ମିଳିତ ଗବେଷଣାରୁ ସୃଷ୍ଟ ହୋଇଛି ।

ଆଧୁନିକ ଜୀବନଶୈଳୀ ଏବଂ ଅଭ୍ୟାସ ମଣିଷର ଆୟୁକୁ କମାଇ ଚାଲିଛି । ମନୁଷ୍ୟର ହାରାହାରି ଆୟୁ ୬୦ ବର୍ଷ ତଳକୁ ଖସି ଆସିଲାଣି । ତେବେ ଚାପରୁ ମୁକ୍ତ ହୋଇଗଲେ ଜଣେ ପାଖାପାଖି ୧୫୦ ବର୍ଷ ଯାଏ ଅତି ସହଜରେ ବଞ୍ଚିପାରିବ ବୋଲି 'ନେଚର କମ୍ୟୁନିକେଶନ'ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ହତ୍ୟା, କ୍ୟାନସର ଏବଂ ଭୟଙ୍କର ଦୁର୍ଘଟଣା ବ୍ୟତୀତ ଲୋକଙ୍କ ମୃତ୍ୟୁର ଅନ୍ୟତମ ବଡ଼ କାରଣ ହେଉଛି ସମସ୍ୟାରୁ ମୁକୁଳିବାର କ୍ଷମତା କମିଯିବା । ଅଧ୍ୟୟନରେ ଆମେରିକା, ୟୁକେ, ରୁଷିଆର ଏକ ବଡ଼ ଗୋଷ୍ଠୀ ସାମିଲ ହୋଇଥିଲେ । ସେମାନଙ୍କ ବୟସ ବୃଦ୍ଧି ହାରକୁ ବିଶ୍ଳେଷଣ କରାଯାଇଥିଲା । 'ସାଇଣ୍ଟିଫିକ୍ ଆମେରିକାନ୍'ର ରିପୋର୍ଟ ଅନୁଯାୟୀ ଜଣେ ୮୦ ବର୍ଷୀୟ ବ୍ୟକ୍ତି ୪୦ ବର୍ଷ ବୟସଙ୍କ ଅପେକ୍ଷା ଚାପରୁ ବାହାରିବାକୁ ୩ ଗୁଣା ଅଧିକ ସମୟ ନେଇଥାଆନ୍ତି । ବୟସ ବଢ଼ିବା ସହିତ ଶରୀର ଅସୁସ୍ଥ ହେଲେ କିମ୍ବା ଦୁର୍ଘଟଣାର ଶିକାର ହେଲେ ଏଥିରୁ ମୁକୁଳିବାକୁ ଅଧିକ ସମୟ ଲାଗିଥାଏ । ଯଦି ଏ କ୍ଷେତ୍ରରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ୨ ସପ୍ତାହ ନିଅନ୍ତି, ସମାନ ଘଟଣା ଲାଗି ଜଣେ ୮୦ ବର୍ଷୀୟ ବୟସ୍କ ଅନ୍ୟୁନ ୬ ମାସ ନେଇଥାଆନ୍ତି ।

'ସିନେଟ୍' ପକ୍ଷରୁ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ, ୧୨୦ ବର୍ଷ ପରେ ମନୁଷ୍ୟ ଶାରୀରିକ ଏବଂ ମାନସିକ ଚାପରୁ ମୁକ୍ତ ହେବା କ୍ଷମତା ସମ୍ପୂର୍ଣ୍ଣ ରୂପେ ହରାଇ ବସେ । କୌଣସି ଜଟିଳ ବେମାର ନ ଥିଲେ ମଧ୍ୟ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ବୟସ ବଢ଼ିବା ଏବଂ ବଞ୍ଚିବାର ଅଭିଳାଷ ସହିତ ଚାପମୁକ୍ତ ରହିବାର କ୍ଷମତାକୁ ବଢ଼ାଇ ଦିଆଯାଇପାରିଲେ ମଣିଷ ଦୀର୍ଘାୟୁ ହୋଇ ପାରିବ । ଏ ସଂକ୍ରାନ୍ତରେ ଜେରୋର କାର୍ଯ୍ୟକାରୀ ପ୍ରମୁଖ ପିଟର ଫେଦିଚେଭ୍ କୁହନ୍ତି, ପରିଣତ ବୟସରେ ଜଟିଳ ତନ୍ତ୍ରିକାସମୂହରେ ଚାପ ପ୍ରତିଫଳିତ ହୋଇଥାଏ । ଏହାକୁ ଜାଣିବା ଲାଗି ବିଶେଷଜ୍ଞମାନେ ଡାଇନାମିକ ଅର୍ଗାନିଜମ୍ ଷ୍ଟେଟ୍ ଇଣ୍ଡିକେର ମଡେଲ ପ୍ରସ୍ତୁତ କରିଥିଲେ । ଏଥିରୁ ଜଣାପଡିଲା ଯେ, ଚାପରୁ ମୁକୁଳିବାର ସମୟ ବୟସ ବଢ଼ିବା ସହିତ ଦୀର୍ଘ ହୋଇଥାଏ । ଏହି ଅଧ୍ୟୟନ ଜୀବନ ସୀମାକୁ ବୁଝିବା, ଆଣ୍ଟିଏଜିଂ ଲାଗି ଔଷଧ ପ୍ରସ୍ତୁତ କରିବାକୁ ମାର୍ଗ ଦେଖାଇବ ବୋଲି ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି ।

ଆପଣ ଜାଣନ୍ତି କି ?

- ମଣିଷ ଜୀବନକାଳରେ ହାରାହାରି ୫୦ ଟନ୍ ଖାଦ୍ୟ ଖାଉଥିବା ବେଳେ ୫୦,୦୦୦ ଲିଟର ଜଳ ପିଇବା ପାଇଁ ବ୍ୟବହାର କରିଥାନ୍ତି ।
- ଆମ ଶରୀରରେ ଥିବା କିଡ଼ନୀ ଗୋଟିଏ ଫିଲଟର୍ ଭଳି କାମ କରିଥାଏ । ଏହା ଗୋଟିଏ ମିନିଟ୍‌ରେ ପାଖାପାଖି ୧.୩ ଲିଟର ରକ୍ତ ଫିଲଟରିଂ କରିଥାଏ ।
- ପ୍ରତ୍ୟେକ ମଣିଷ ଶୋଇଲାବେଳେ ୮ ମି.ମି. ବଢ଼ିଥାନ୍ତି ।
- ମଣିଷର ଫୁସ୍‌ଫୁସ୍ ସମୁଦାୟ ୩୦୦,୦୦୦ ମିଲିୟନ୍ ରକ୍ତ କଣିକାକୁ ନେଇ ଗଠିତ ହୋଇଥାଏ । ଯଦି ଏହି କଣିକାଗୁଡିକୁ ପରସ୍ପର ସହିତ ଯୋଡି ରଖାଯାଏ, ତେବେ ଏହା ୨୪୦୦ କି.ମି. ପର୍ଯ୍ୟନ୍ତ ଲମ୍ବିପାରିବ ।
- ଜଣେ ମଣିଷ ତା'ର ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସାଇତି ରଖିବାରେ ସକ୍ଷମ ହୋଇଥାଏ ।
- ପ୍ରତିଟି ଆଙ୍ଗୁଳିର ନଖ ଛଅ ମାସ ସମୟ ଭିତରେ ମୂଳରୁ ଆଗ ଯାଏ ବଢ଼ିଥାଏ ।
- ଆଖିରେ ଥିବା ମାଂସପେଶୀ ଦିନକୁ ୧୦୦,୦୦୦ ଥର ଗତି କରିଥାଏ । ଗୋଡ଼ର ମାଂସପେଶୀ ଯଦି ଏହି ମାତ୍ରାରେ ଚାଲେ, ତେବେ ଜଣେ ମଣିଷକୁ ଦିନକୁ ୮୦ କି.ମି. ଚାଲିବାକୁ ପଡିବ ।
- ଆମକୁ ହଜମ କରାଇବାରେ ସାହାଯ୍ୟ କରାଉଥିବା ଏସିଡ୍ ଏତେ ଶକ୍ତିଶାଳୀ ଯେ ତାହା ଦସ୍ତାକୁ ମଧ୍ୟ ତରଳାଇ ଦେଇପାରିବ ।
- ମଣିଷ ଶରୀରରେ ଥିବା ରକ୍ତ କୋଷିକାଗୁଡିକୁ ପୁନର୍ଜୀବିତ ହେବା ପାଇଁ ୬୦ ସେକେଣ୍ଡ ସମୟ ନେଇଥାନ୍ତି ।

କହିପାରିବେ କି ?

୧) ଯଦି ଏକ କମ୍ପ୍ୟୁଟରର ଗୋଟିଏରୁ ଅଧିକ ପ୍ରୋସେସର ଥାଏ ତା'ହେଲେ ତାକୁ କ'ଣ କୁହାଯାଏ ?
(୨) ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ କେଉଁଠାରୁ ପ୍ରେରିତ ହୋଇଥିଲା ?
(୩) ଇସ୍ରୋ କେବେ ପ୍ରତିଷ୍ଠିତ ହୋଇଥିଲା ?
(୪) ପ୍ରସିଦ୍ଧ ଉପନ୍ୟାସ 'ନାଇଣ୍ଟିନ୍ ଏଇଟି ଫୋର'କୁ କିଏ ରଚନା କରିଥିଲେ ?
(୫) ଭାରତରେ ଜାତୀୟ ମତଦାତା ଦିବସ କେବେ ପାଳନ କରାଯାଏ ?
(୬) ହୋମି ଭ୍ୟାରଓ୍ୱାଲା କ'ଣ ପାଇଁ ପ୍ରସିଦ୍ଧ ?
(୭) ସୀତାର କିଏ ଉଦ୍ଭାବନ କରିଥିଲେ ?
(୮) ଆମର ଜାତୀୟ ପତାକାରେ ଥିବା ଚକ୍ରରେ କେତୋଟି ପଲ ରହିଛି ?
(୯) ପି.ଭି. ନରସିଂହ ରାଓ ଭାରତର କେତେତମ ପ୍ରଧାନମନ୍ତ୍ରୀ ଥିଲେ ?
(୧୦) 'ମହାଭାରତ'ରେ ଅର୍ଜୁନଙ୍କ ରଥର ସାରଥୀ କିଏ ହୋଇଥିଲେ । ?

JUMBLE WORDS

1) TUNIOG	=	6) DNACEN	=
2) NOLLEY	=	7) ALGED	=
3) DXUEE	=	8) NGROP	=
4) SOLSF	=	9) SCAWEH	=
5) TOOLNI	=	10) FLYUEE	=

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-

୧.ଅମ୍ଳ, ୨. ନୀଳ-ଲୋହିତ, ୩. କ୍ଷାରୀୟ, ୪.ପୁଷ୍ଟିସାର, ୫.ପ୍ଲାଟିପସ୍, ୬. ପ୍ଲାଙ୍କଟନ୍, ୭. ୧୯୫୨, ୮.ଡି.ଏନ୍.ଏ, ୯.ସୋୟାବିନ୍, ୧୦.ଧୂଆଁପତ୍ର ଭୂତାଣୁ ।

Jumble Words ର ଉତ୍ତର :-

(1) VIDEO (2) DROLL (3) MUDDLE (4) TRAUMA (5) BLURT
(6) KITTY (7) FINALE (8) HIDDEN (9) CARRY (10) DOUSE

ଇନଫ୍ଲୁଏନସର ବିଜ୍ଞାପନ ମାର୍ଗଦର୍ଶିକା

ଡକ୍ଟର ପ୍ରଦୀପ ମହାପାତ୍ର
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଡ଼ିଜିଟାଲ ମିଡ଼ିଆର ବ୍ୟାପ୍ତି ସଙ୍ଗେ ଇନଫ୍ଲୁଏନସର ବିଜ୍ଞାପନର ପ୍ରଭାବ କ୍ରମଶଃ ବୃଦ୍ଧି ପାଇଚାଲିଛି । ମୁଦ୍ରଣ କ୍ଷେତ୍ରରେ ପାଠକ, ରେଡ଼ିଓରେ ଶ୍ରୋତା ଓ ଟେଲିଭିଜନରେ ଦର୍ଶକ ସୃଷ୍ଟି ହେଉଥିବା ସ୍ଥଳେ ଡ଼ିଜିଟାଲ ମିଡ଼ିଆର ଉପଭୋକ୍ତା ପାରମ୍ପରିକ ମଞ୍ଚଗୁଡ଼ିକଠାରୁ କେତେକାଂଶରେ ଭିନ୍ନ ।

ଉଦାହରଣରେ ମୁଦ୍ରିତ ସମ୍ବାଦପତ୍ର ସଂସ୍କରଣଗୁଡ଼ିକ ଏକ ବିସ୍ତୃତ ଭୌଗୋଳିକ ପରିସୀମାର ଶିକ୍ଷିତ ଓ ଅଳ୍ପଶିକ୍ଷିତ, ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ଅବହେଳିତ ଇତ୍ୟାଦି ବହୁମୁଖୀ ବର୍ଗର ପାଠକଙ୍କ ନିମନ୍ତେ ଏକକ ଉତ୍ପାଦ ପ୍ରସ୍ତୁତ କରୁଥିବା ସ୍ଥଳେ ଡ଼ିଜିଟାଲ ମଞ୍ଚରେ ପାଠକୀୟ ରୁଚିକୁ ଚରିତାର୍ଥ ନିମନ୍ତେ ବହୁ ସଂଖ୍ୟକ ସଂସ୍କରଣ ସୃଷ୍ଟି କରିବାରେ ସମର୍ଥ । ତାତ୍ତ୍ୱିକ ଦୃଷ୍ଟିରୁ ଯେକୌଣସି ସୁକ୍ଷାତିସୁକ୍ଷ୍ମ ବର୍ଗର ପାଠକଙ୍କ ନିମନ୍ତେ ମୁଦ୍ରିତ ପାଠ୍ୟ ପ୍ରସ୍ତୁତ ସଂଭବପର, କିନ୍ତୁ ସମ୍ପାଦକୀୟ ଓ ଅର୍ଥନୀତିକ କାରଣରୁ ଅତିକମ ସଂଖ୍ୟକଙ୍କ ନିମନ୍ତେ ସ୍ୱତନ୍ତ୍ର ସଂସ୍କରଣ ପ୍ରସ୍ତୁତି ବାସ୍ତବ କ୍ଷେତ୍ରରେ ଅସମ୍ଭବ ।

ଅପରପକ୍ଷେ ଡ଼ିଜିଟାଲ ମଞ୍ଚରେ ଅତ୍ୟନ୍ତ ସଙ୍କୁଚିତ 'ନେରା' ବିଷୟବସ୍ତୁ ସଂପର୍କରେ ଭୌଗୋଳିକ ସୀମାପାର ପରିବେଶରେ ସୀମିତ ସଂଖ୍ୟକ ଉପଭୋକ୍ତାଙ୍କ ନିମନ୍ତେ ଉତ୍ପାଦ ପ୍ରସ୍ତୁତି ସଂଭବପର । ଉଦାହରଣରେ ପ୍ରେକ୍ଷାଳୟରେ ପ୍ରଦର୍ଶନ ନିମନ୍ତେ ଚଳଚ୍ଚିତ୍ର ସଂପ୍ରସାରିତ 'ଓ୍ୱାଇଡ଼' ଦର୍ଶକବର୍ଗଙ୍କ ରୁଚିକୁ ପାଥେୟ କରି ପ୍ରଯୋଜନା ଅପରିହାର୍ଯ୍ୟ ଥିବା ସ୍ଥଳେ ଓଭର-ଦି-ଟପ 'ଓଟିଟି' ମଞ୍ଚରେ ସୀମିତ ଦର୍ଶକଙ୍କ ରୁଚି ଆଧାରରେ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରଦର୍ଶନ ସମ୍ଭବପର ।

ଉପଭୋକ୍ତାଙ୍କ ରୁଚିଭିତ୍ତିକ ମଞ୍ଚ ପ୍ରସ୍ତୁତିରେ ଡ଼ିଜିଟାଲ ମିଡିଆ ସମୃଦ୍ଧ । ଏଥିରେ ଉପଭୋକ୍ତାଙ୍କ ମଧ୍ୟରେ ସମଗୋତ୍ର ଗୋଷ୍ଠୀ 'କମ୍ୟୁନିଟି' ଗଠନ ଅନ୍ୟତମ ମୁଖ୍ୟ ଆକର୍ଷଣ । ଡ଼ିଜିଟାଲ ମଞ୍ଚରେ ଉପଭୋକ୍ତା ନିଜ ଜାଣତ ବା ଅଜାଣତରେ ସ୍ୱଭାବତଃ କେବଳ ପସନ୍ଦ ଯୋଗ୍ୟ ଗୋଷ୍ଠୀରେ ସାମିଲ ହୁଏ ନାହିଁ, ବରଂ ସେହି ମଞ୍ଚରେ ପ୍ରକାଶିତ କେଉଁ ସୃଜନ 'କଣ୍ଟେଣ୍ଟ' କେତେବେଳେ କେତେଥର ପଢ଼ିବ, ଶୁଣିବ ବା ଦେଖିବ ନିଜେ ସ୍ଥିର କରିବା ସୁଯୋଗ ମଧ୍ୟ ହାସଲ କରିଥାଏ ।

ବ୍ୟକ୍ତିଗତ ସାଜସରଞ୍ଜାମ, ଯଥା: ସ୍ମାର୍ଟଫୋନ, ଟେବଲେଟ, ଲ୍ୟାପଟପ, ଡେସ୍କଟପ ଯୋଗେ ଡିଜିଟାଲ ମିଡ଼ିଆରେ ପହଞ୍ଚି କେବଳ ନିଜ ରୁଚି ସମ୍ପନ୍ନ ସୃଜନ ନିର୍ବାଚନ କରି ଏକକ ବିଷୟ ବସ୍ତୁରେ ସଂପୃକ୍ତ ରହିବା ଯୋଗୁଁ ତୀବ୍ର ଗୋଷ୍ଠୀବାଦରେ ଆହ୍ଲାଦିତ ହେବା ସ୍ୱଭାବିକ । ଉପଭୋକ୍ତା ନିର୍ବାଚିତ ମଞ୍ଚ ଓ ଗୋଷ୍ଠୀରେ ପହଞ୍ଚୁଥିବା ହେତୁ 'ଫିଲଟର ବବୁଲ' ଓ ମନପସନ୍ଦ ସୃଜନ ବାରମ୍ବାର ପଢ଼ା, ଶୁଣା ଓ ଦେଖାରେ ପ୍ରତିଧ୍ୱନିତ 'ଇକୋ-ଚେମ୍ବର'ରେ ନିମଗ୍ନ ରହିଥାଏ ।

ଡ଼ିଜିଟାଲ ମିଡ଼ିଆ ଉପଭୋକ୍ତାମାନେ ଦୈନିକ ପାଞ୍ଚ ଘଣ୍ଟା ଯାଏଁ ଭର୍ଚୁଆଲ ପରିବେଶରେ ସମୟ ଅତିବାହିତ କରୁଥିବା କାରଣରୁ ଗୋଷ୍ଠୀଗତ ଚିନ୍ତାଧାରା ବ୍ୟକ୍ତିମାନସର ଅଂଶବିଶେଷ ପାଲଟିଯାଏ । ଡ଼ିଜିଟାଲ ମଞ୍ଚଗୁଡ଼ିକର ସୃଜନ ସ୍ରଷ୍ଟା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ପାରମ୍ପରିକ ଗଣମାଧ୍ୟମରେ ଲେଖକ, ସମ୍ପାଦକ ଓ ବିଜ୍ଞାପନ କର୍ମୀଙ୍କ କାର୍ଯ୍ୟଭାର ବ୍ୟାବସାୟିକ ପରିଧିରେ ଇନଫ୍ଲୁଏନସରଗଣ ଏକତ୍ର ପରିଚାଳନା କରିଥାନ୍ତି । ସୋସିଆଲ ମିଡ଼ିଆରେ ପାଠକ, ଶ୍ରୋତା ଓ ଦର୍ଶକଙ୍କ ମହଲରେ ସେମାନେ କ୍ଷମତାକେନ୍ଦ୍ର ରୂପେ ଗଢ଼ି ଉଠିଥାନ୍ତି । ଡ଼ିଜିଟାଲ ମିଡ଼ିଆକୁ ବ୍ୟାପକମାତ୍ରାରେ ବିଜ୍ଞାପନ ଅପସାରିତ ହେଉଥିବା ଅବସରରେ ଇନଫ୍ଲୁଏନସରଙ୍କ ସୃଜନ ଯୋଗେ ବିଜ୍ଞପ୍ତି କରାଇବା ବିଜ୍ଞାପନ ବ୍ୟବସାୟରେ ଏକ ନୂତନ ଧାରାରେ ପରିଣତ ହୋଇଛି ।

ଅନଲାଇନ ପରିବେଶରେ ଇନଫ୍ଲୁଏନସର ଅନ୍ତତଃପକ୍ଷେ ତିନିଗୋଟି ବିଭବ ଅଧିକାରୀ । ପ୍ରଥମତଃ, ଇନଫ୍ଲୁଏନସର ନିର୍ଦ୍ଦିଷ୍ଟ ସଂଖ୍ୟକ ପାଠକ, ଶ୍ରୋତା ବା ଦର୍ଶକଙ୍କୁ ନିଜ ମଞ୍ଚରେ ଏକତ୍ରିତ କରିଥାଏ । ଉଦାହରଣ ସ୍ୱରୂପ ତାହାର 'ଫେସବୁକ' ଏକାଉଣ୍ଟରେ ଅଧିକ ସଂଖ୍ୟକ ଅନୁଗାମୀ 'ଫାଲାୟର୍ସ' ଥାନ୍ତି । ଦ୍ୱିତୀୟତଃ, ଅନଲାଇନ ପରିବେଶରେ ଉପଭୋକ୍ତାମାନେ ନିଜ ରୁଚି ଅନୁଯାୟୀ ମଞ୍ଚ ନିର୍ବାଚନର ସୁବିଧା ଉପଭୋଗ କରୁଥିବା ହେତୁ ସେମାନଙ୍କ ପସନ୍ଦଯୋଗ୍ୟ ଇନଫ୍ଲୁଏନସର ନିଜ ଅନୁଗାମୀମାନଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିବା ଅଧିକାର ପାଇଥାଏ । ଅର୍ଥାତ ଇନଫ୍ଲୁଏନସର ଯାହା କହେ ତାହା ଅନୁଗାମୀ ମାନଙ୍କ ବିଶ୍ୱାସବୋଧ ହୁଏ । ତୃତୀୟତଃ, ଏହି ପରିପ୍ରେକ୍ଷୀରେ କୌଣସି ଦ୍ରବ୍ୟ ବା ସେବା ସଂପର୍କରେ ଇନଫ୍ଲୁଏନସର ଅନୁକୂଳ ମତ ପ୍ରଦାନ କଲେ ଉପଭୋକ୍ତାଙ୍କ ମଧ୍ୟରେ ଗ୍ରହଣୀୟ ହୋଇଥାଏ ।

ବିଭିନ୍ନ ପରିସଂଖ୍ୟାନ ଅନୁଯାୟୀ ମହାମାରୀ- ପୂର୍ବାବସ୍ଥାରେ ଭାରତରେ ମୋଟ ଡ଼ିଜିଟାଲ ମିଡ଼ିଆ ବିଜ୍ଞାପନ ବ୍ୟୟର ୧୫ ପ୍ରତିଶତ ଇନଫ୍ଲୁଏନସର ବିଜ୍ଞାପନ ଭାଗରେ ରହିଆସିଥିବା ସ୍ଥଳେ ମହାମାରୀ ଅବସ୍ଥାରେ ୨୦ରୁ ୩୦ ପ୍ରତିଶତ ଯାଏଁ ପହଞ୍ଚିଥିବା ଆକଳନ କରାଯାଏ । ମହାମାରୀ-ପୂର୍ବ ଅବସ୍ଥାରେ ୨୦୧୯-୨୦ରେ ୨୧ ହଜାର କୋଟି ଟଙ୍କା ଡ଼ିଜିଟାଲ ମିଡ଼ିଆ ବିଜ୍ଞାପନ ହିସାବ କରାଗଲେ ୨୦୨୧ ମଧ୍ୟଭାଗ ସୁଦ୍ଧା ପ୍ରାୟ ଚାରିରୁ ଛଅ ହଜାର କୋଟି ଟଙ୍କା ଇନଫ୍ଲୁଏନସର ବିଜ୍ଞାପନ ବ୍ୟୟ ଏହାର କ୍ରମବିକାଶ ସୂଚିତ କରିଥାଏ ।

ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ସୃଜନ ଓ ବିଜ୍ଞାପନ ମଧ୍ୟରେ ପ୍ରଭେଦ ଉପଭୋକ୍ତା ସହଜରେ ଠଉରାଇ ପାରେ । ଅବଶ୍ୟ ପ୍ରାୟୋଜିତ ସମ୍ବାଦ ଓ କାର୍ଯ୍ୟକ୍ରମରେ ବିଜ୍ଞପ୍ତି ବା ସ୍ୱୀକାରୋକ୍ତି ଅଭାବରେ ସ୍ପଷ୍ଟ ବିଭକ୍ତକରଣ ସମ୍ଭବପର ହୋଇ ନଥାଏ । ଡ଼ିଜିଟାଲ ମିଡ଼ିଆରେ ବ୍ୟାପକ ମାତ୍ରାରେ ପ୍ରାୟୋଜିତ ସୃଜନ ଏବଂ ଏହି କ୍ଷେତ୍ରରେ ବିପୁଳ ଆର୍ଥିକ କାରବାର ପରିଲକ୍ଷିତ ହେବା ପରେ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ ପରେ ଇନଫ୍ଲୁଏନସରଙ୍କ ଭୂମିକା ଚର୍ଚ୍ଚାକୁ ଆସିଛି ।

'ଏଡ଼ ଭାଟାଇଜିଂ ଷ୍ଟାଣ୍ଡାର୍ଡସ କାଉନସିଲ ଅଫ ଇଣ୍ଡିଆ' ପକ୍ଷରୁ ୨୦୨୧ ମେ'ମାସ ଶେଷ ସପ୍ତାହରେ ସୋସିଆଲ ମିଡ଼ିଆରେ ଇନଫ୍ଲୁଏନସରମାନଙ୍କ ଦ୍ୱାରା ପ୍ରାୟୋଜିତ ସୃଜନ ପ୍ରକାଶକାଳରେ ଏହାକୁ ବିଜ୍ଞାପନ ରୂପେ ସୂଚିତ କରାଇବା ନିମନ୍ତେ ମାର୍ଗଦର୍ଶିକା ପ୍ରକାଶ କରାଯାଇଛି । 'ଏଏସସିଆଇ'ର ନିର୍ଦ୍ଦେଶନାମା ୧୪ ଜୁଲାଇ ୨୦୨୧ରୁ ଲାଗୁ କରିବା ନିଷ୍ପତ୍ତି ଗୃହୀତ ହୋଇଛି । ଭାରତର ବିଜ୍ଞାପନ ବ୍ୟବସାୟରେ 'ଏଏସସିଆଇ' ବୃତ୍ତିଭିତ୍ତିକ ଶୀର୍ଷ ସଂଗଠନ । ବିଜ୍ଞାପକ, ବିଜ୍ଞାପନ ଏଜେନ୍ସି, ଗଣମାଧ୍ୟମ ଓ ବିଶେଷଜ୍ଞଙ୍କ ପ୍ରତିନିଧିତ୍ୱରେ ୧୯୮୫ରୁ ଗଢ଼ି ଉଠିଥିବା ଏହି ସ୍ୱଚ୍ଛୋସେବୀ ସଂଗଠନ ଆତ୍ମ ନିୟନ୍ତ୍ରିତ ।

ପ୍ରସ୍ତାବିତ ମାର୍ଗଦର୍ଶିକା ଅନୁଯାୟୀ ସୋସିଆଲ ମିଡ଼ିଆରେ ଯେକୌଣସି ଇନଫ୍ଲୁଏନସର ପ୍ରାୟୋଜିତ ସୃଜନ ଅର୍ଥାତ ଅର୍ଥ ବିନିମୟରେ କୌଣସି ଦ୍ରବ୍ୟ ବା ସେବା ଇତ୍ୟାଦି ପ୍ରକାଶନ କରିବା ଅବସରରେ ବିଜ୍ଞାପନ ରୂପେ ଚିହ୍ନିତ କରିବା ବାଧ୍ୟତାମୂଳକ । ଏଥିଲାଗି ପାଠ୍ୟ, ସ୍ୱର ଓ ଦୃଶ୍ୟ ପ୍ରକାଶନ କାଳରେ ଏଡ଼ (ଅବିଜ୍ଞାପନ), କୋଲାବ (ସହଭାଗୀ), ଅପ୍ରମା (ପ୍ରୋତ୍ସାହିତ), ସ୍ପନସୋରଡ଼ (ପ୍ରାୟୋଜିତ), ପାର୍ଟନରସିପ (ସହବନ୍ଧିତ) ପାଞ୍ଚଗୋଟି ହାସଟେଗରୁ କୌଣସି ଗୋଟିଏ ସ୍ପଷ୍ଟଭାବେ ସୂଚିତ କରିବେ । ଏହା ଇଂଲିଶ କିମ୍ବା ପ୍ରକାଶିତ ଭାରତୀୟ ଭାଷାରେ ଉଲ୍ଲେଖ କରାଯାଇ ପାରିବ । ଭିନ୍ନଭିନ୍ନ ଡ଼ିଜିଟାଲ ମଞ୍ଚରେ ଏହି ସ୍ୱୀକାରୋକ୍ତି ପ୍ରକାଶନ ସଂପର୍କୀତ ବିସ୍ତୃତ ବିବରଣୀ ମଧ୍ୟ ମାର୍ଗଦର୍ଶିକାରେ ବର୍ଣ୍ଣନା ହୋଇଛି ।

ଅନଲାଇନ ପାଠ୍ୟ କ୍ଷେତ୍ରରେ ପ୍ରଥମ ଦୁଇ ଲାଇନରେ ନିର୍ଦ୍ଧାରିତ ଲେବଲ ପ୍ରକାଶନ ଧାର୍ଯ୍ୟ ହୋଇଥିବା ସ୍ଥଳେ ଭିଡ଼ିଓ କ୍ଷେତ୍ରରେ ୧୫ ସେକେଣ୍ଡର କ୍ଲିପ ପାଇଁ ୨ ସେକେଣ୍ଡ, ଦୁଇ ମିନଟର କ୍ଲିପ ପାଇଁ ଏକ ତୃତୀୟାଂଶ, ଦୁଇ ମିନିଟରୁ ଅଧିକ କ୍ଲିପ ପାଇଁ ସଂପୂର୍ଣ୍ଣ ଅବଧି ତଥା ଭିଡ଼ିଓ ଷ୍ଟ୍ରିମିଂ ଅବସରରେ ପ୍ରତି ମିନିଟ ଶେଷରେ ୫ ସେକେଣ୍ଡରେ ସ୍ୱୀକାରୋକ୍ତି ଲେବଲ ପ୍ରକାଶିତ ହେବ । ଅଡ଼ିଓ ଫାଇଲରେ କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ଲେବଲ ରେକର୍ଡ କରାଯିବ । ସେହିପରି ସୋସିଆଲ ମିଡ଼ିଆରେ ବ୍ଲଗରେ ଶୀର୍ଷକ ସହ, ଫେସବୁକ ଓ ଟୁଇଟରରେ ପୋଷ୍ଟର ଆରମ୍ଭ ତଥା ଚିତ୍ର ଓ ଭିଡ଼ିଓ ଉପରେ ଏବଂ ୟୁଟ୍ୟୁବରେ ଶୀର୍ଷକରେ ଲେବଲ ପ୍ରଦର୍ଶିତ ହେବା ଆବଶ୍ୟକ ।

ଏହାର ଉଲଂଘନରେ 'ଏଏସସିଆଇ' ପକ୍ଷରୁ ଇନଫ୍ଲୁଏସନର ଓ ବ୍ରାଣ୍ଡମାଲିକ ଉଭୟଙ୍କୁ କୈଫିୟତ ମଗାଯିବ । ଘୋଷଣା ନକରି ବିଜ୍ଞାପନ ପ୍ରକାଶ ଅପରାଧରେ 'କନଜ୍ୟୁମର ପ୍ରାଟେକସନ ଆକ୍ଟ ୨୦୧୯' ଆଧାରରେ ଦଣ୍ଡବିଧାନର ମଧ୍ୟ ପ୍ରାବଧାନ ରହିବ । ଉଲ୍ଲେଖ ଯୋଗ୍ୟ ବିଷୟ ଏହି ଯେ ଆଇନ ଅନୁଯାୟୀ ଅସାଧୁ ବିଜ୍ଞାପନ ପ୍ରଦର୍ଶନଲାଗି ଦଶରୁ ପଚାଶ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଧାରିତ ହୋଇଥାଏ ।

'ଏଏସସିଆଇ' ପକ୍ଷରୁ ପ୍ରକାଶିତ 'ଗାଇଡ଼ଲାଇନ୍ସ ଫର ଇନଫ୍ଲୁଏନସର ଏଡ଼ଭାଟାଇଜିଂ ଅନ ଡ଼ିଜିଟାଲ ମିଡ଼ିଆ' ୨୦୧୯ରୁ ପ୍ରସ୍ତୁତି ଆରମ୍ଭ ହୋଇ ୨୦୨୧ ଫେବୃୟାରୀରେ ଚିଠା ସର୍ବସାଧାରଣରେ ପ୍ରକାଶିତ ହୋଇଥିଲା । ଡିଜିଟାଲ ମିଡ଼ିଆରେ ଏହି ନିୟମାବଳୀ ଲାଗୁ ହେବା ପରେ ଉଲଂଘନ ଚିହ୍ନଟ କରିବା ନିମନ୍ତେ ଅତ୍ୟାଧୁନିକ କାରିଗରୀ କୌଶଳ ବ୍ୟବହାର କରାଯିବ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ 'ରିଚ ଇନଫ୍ଲୁଏନସ କ୍ଲାଉଡ଼ ପ୍ଲାଟଫରମ' ଓ ମେସିନ ଲର୍ଣ୍ଣି 'ରେଗୁଲାର ଏକ୍ସପ୍ରେସନ' ମାଧ୍ୟମରେ ଅନଲାଇନ ସମୀକ୍ଷାରେ ବିଜ୍ଞାପନ ଚିହ୍ନଟ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି । କ୍ରମବିକଶିତ ଡ଼ିଜିଟାଲ ମିଡ଼ିଆରେ ବିଜ୍ଞାପନ ବ୍ୟୟ ଟେଲିଭିଜନ ବିଜ୍ଞାପନ ପରକୁ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଆକଳନ କରାଯାଉଛି । ଅନଲାଇନ ବ୍ୟବସାୟ ବୃଦ୍ଧି ଅବସରରେ ଉପଭୋକ୍ତାମାନେ ବିଭିନ୍ନ ଉତ୍ପାଦ ଓ ସେବା ସଂପର୍କରେ ସୋସିଆଲ ମିଡ଼ିଆରେ ଉପଲବ୍ଧ ତଥ୍ୟ ଖୋଜୁଛନ୍ତି । ଏହି ପରିପ୍ରେକ୍ଷୀରେ 'ଏଏସସିଆଇ'ର ମାର୍ଗଦର୍ଶିକା ପ୍ରଣୟନ ସମୟ ଉପଯୋଗୀ ମନେହୁଏ । ମାର୍ଗଦର୍ଶିକାର ବିସ୍ତୃତ ବିବରଣୀ ସର୍ବସାଧାରଣରେ ଉପଲବ୍ଧ କରାଇବା ନିମନ୍ତେ 'ଏଏସସିଆଇ ଡ଼ଟ ସୋସିଆଲ' ନାମରେ ଏକ ମଞ୍ଚ ପ୍ରସ୍ତୁତ ହେଉଥିବା ଜଣାଯାଏ ।

ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକ ଦ୍ୱିତୀୟାର୍ଦ୍ଧରୁ ଅସତ୍ୟ ସମ୍ବାଦ 'ଫେକ ନିଉଜ', ଷଡ଼ଯନ୍ତ୍ର ତତ୍ତ୍ୱ 'କନସିପେରସି ଥିଓରି' ଯେଉଁ ମାତ୍ରାରେ ପ୍ରଭାବ ବିସ୍ତାର କରିଛି, ଠିକ୍ ସେହି ପରିମାଣରେ ଅନଲାଇନ ସୃଜନରେ ସମ୍ପାଦକୀୟ ଓ ବିଜ୍ଞାପନର ସମ୍ମିଶ୍ରଣ ଧାରା ବଳବତ୍ତର ରହିଛି । ଫଳରେ ଉପଭୋକ୍ତା ଦ୍ରବ୍ୟ ଓ ସେବା କ୍ରୟ ସମୟରେ ପ୍ରତାରିତ ହେଉଥିବା ଏକ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଏହାର ସମାଧାନ ଦିଗରେ ବିଜ୍ଞାପନ ବୃତ୍ତିଭିତ୍ତିକ ସଂଗଠନଗୁଡ଼ିକ ପକ୍ଷରୁ ବିଶ୍ୱବ୍ୟାପୀ ଉଦ୍ୟମ ଆରମ୍ଭ ହୋଇଛି ଏବଂ ଭାରତ ମଧ୍ୟ ସେଥିରେ ସାମିଲ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ ।

ସଜନା ଶାଗର ଖାଦ୍ୟ ସାର

ସଜନା ଶାଗରେ କ୍ଷୀର ଠାରୁ ୪ ଗୁଣା ଅଧିକ କ୍ୟାଲସିୟମ ଓ ୨ ଗୁଣା ଅଧିକ ପ୍ରୋଟିନ୍ ଓ ଗାଜର ଠାରୁ ୪ ଗୁଣା ଅଧିକ ଭିଟାମିନ୍ 'ଏ' ରହିଛି । କଦଳୀ ଠାରୁ ୫୦ ଗୁଣା ଅଧିକ ଭିଟାମିନ୍ 'ବି୨' ଓ ତିନି ଗୁଣା ଅଧିକ ଫସଫରସ୍ ରହିଛି । ଚିନାବାଦାମ ଠାରୁ ୫୦ ଗୁଣା ଅଧିକ ଭିଟାମିନ୍ ବି-୩, କମଳା ଲେମ୍ବୁ ଠାରୁ ସାତ ଗୁଣା ଅଧିକ ଭିଟାମିନ୍ -ସି (ଇମ୍ୟୁନିଟି ବଢ଼ାଇବା ଓ ଆଣ୍ଟି ଅକ୍ସିଡେଣ୍ଟ ଭଳି ଶରୀରରୁ ଫ୍ରି ରେଡିକେଲ୍ସ ନିଷ୍କାସନ କରେ । ଆଲମଣ୍ଡ/ ପିସ୍ତାବାଦାମ ଠାରୁ ୨ ଗୁଣା ଅଧିକ ଭିଟାମିନ୍ -ଇ ଏହି ଶାଗରେ ରହିଛି ।

ସଜନାରେ ପ୍ରଚୁର ମାତ୍ରାରେ ଆଇରନ ଅଛି, ଯାହା ହିମୋଗ୍ଲୋବିନ ମାତ୍ରା ବଢ଼ାଏ ଓ ରକ୍ତହୀନତା ରୋଗ ଦୂର କରାଏ ।

ଦିନରେ ଥରୁଟିଏ ୫୦ ଗ୍ରାମର ସଜନା ଶାଗ ଅଥବା ୧୦୦ ଗ୍ରାମର ସଜନା ଛୁଇଁ ଖାଇଲେ ଶରୀରକୁ ଅନେକ ପୋଷଣ ମିଳିଯିବ ।

ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ଓଡ଼ିଶାର ଦାବି ପୂରଣ ହେଉ ନାହିଁ

ଭୁବନେଶ୍ୱର: ନିକଟରେ କେନ୍ଦ୍ର ସରକାର ଧାନ ସମେତ ୧୪ ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ସାଧାରଣ ଧାନର କୁଇଣ୍ଟାଲ ପିଛା ଏମଏସପି ମାତ୍ର ୭୨ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଅଣଧାନ ଫସଲ ରାଶି, ବିରି, ଚିନାବାଦାମ, ଯଅ, ବାଜରା, ସୂର୍ଯ୍ୟମୁଖୀ, ରାଗି ଆଦିର କୁଇଣ୍ଟାଲ ପିଛା ଏମଏସପି ୩୦୦ ରୁ ୪୫୨ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଥିରେ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ ଚାଷୀ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଭଳି ଉତ୍ତରଭାରତ ରାଜ୍ୟଗୁଡିକୁ ଯଥେଷ୍ଟ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଆଉ କିଛି ମାସ ପରେ ପଞ୍ଜାବ ଏବଂ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଗତ କିଛି ମାସ ଧରି ଚାଲିଥିବା ଚାଷୀ ଆନ୍ଦୋଳନ ଭାଜପା ପରିଚାଳିତ କେନ୍ଦ୍ର ସରକାରର ନିଦ ହଜାଇ ଦେଇଥିବା ବେଳେ ଅଣ ଧାନ ଫସଲ ଏମଏସପି ବହୁ ଗୁଣା ବଢ଼ାଇ ନିର୍ବାଚନ ହେବାକୁ ଥିବା ଉତ୍ତରଭାରତ ରାଜ୍ୟଗୁଡିକରୁ ରାଜନୈତିକ ଫାଇଦା ହାସଲ କରିବାକୁ ଉଦ୍ୟମ କରିଛି । ଧାନର ଏମଏସପି ନାମକୁମାତ୍ର ବଢ଼ାଇ ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଓଡ଼ିଶାର ଚାଷୀଙ୍କ ଦାବିକୁ କର୍ଣ୍ଣପାତ କରି ନାହାନ୍ତି । ସ୍ୱାମୀନାଥନ କମିଟି ଅନୁମୋଦନ ଅନୁଯାୟୀ ଚାଷୀଙ୍କୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ଦେବାକୁ ସୁପାରିଶ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ନେଇ କ୍ଷମତାକୁ ଆସିଥିବା ଭାଜପା ଧାନ ଚାଷୀଙ୍କୁ ଅଣଦେଖା କରିଛି । ନିଜର ରାଜନୈତିକ ଫାଇଦା ପାଇଁ ଓଡ଼ିଶା ସରକାର ମଧ୍ୟ ଚାଷୀଙ୍କୁ ବଳି ପକାଇବାକୁ ପଛାଇ ନାହାନ୍ତି । ଧାନର ଏମଏସପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ଭାଜପା ସମେତ ସବୁ ଦଳର ସମ୍ମତି କ୍ରମେ ୨୦୧୭ ମାର୍ଚ୍ଚ ୨୫ ରେ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ ପାରିତ ହୋଇଥିଲା । ଓଡ଼ିଶା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବିଧାୟକ ଦଳ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ହୋଇଥିଲା । ବାଚସ୍ପତିଙ୍କ ପକ୍ଷରୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା । ବିଜେଡି ଏମପିମାନେ ମଧ୍ୟ ପାର୍ଲାମେଣ୍ଟରେ ଏହି ଦାବି ବାରମ୍ବାର ଉଠାଇଥିଲେ । ଏହି ସଂକଳ୍ପକୁ ୪ ବର୍ଷ ବିତିଗଲାଣି । ଇତି ମଧ୍ୟରେ ଧାନ ବିହନଠାରୁ ଆରମ୍ଭ କରି ସାର, ଔଷଧ, କୃଷି ଉପକରଣ ଆଦିର ଦରବୃଦ୍ଧି ହୋଇଗଲାଣି । ରାଜ୍ୟ ସରକାର ୪ବର୍ଷ ତଳର ସେହି ପୁରୁଣା ସଂକଳ୍ପ ଆଧାରରେ ଧାନର ଏମଏସପି ୨୯୩୦ ଟଙ୍କା କରିବାକୁ ଦାବି କରିଛନ୍ତି । ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ ଏହି ଦାବି କରିଛନ୍ତି । ଏ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ବିଧାନସଭାରେ ସର୍ବସମ୍ମତି କ୍ରମେ ଯେଉଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ସେହି ଦାବି ଅନୁଯାୟୀ ପ୍ରଥମେ କେନ୍ଦ୍ର ସରକାର ୨୯୩୦ ଟଙ୍କା ଦିଅନ୍ତୁ । ରାଜ୍ୟ ଭାଜପା ମଧ୍ୟ ଏହି ଦାବି ଉପରେ ସହମତ ହେଉଛି । ଏହି ଦାବିକୁ ପୁନର୍ବାର ଦୋହରା ନ ଗଲେ ସେହି ସଂକଳ୍ପର କୌଣସି ମୂଲ୍ୟ ରହିବ ନାହିଁ । ପ୍ରଥମେ ଧାନର ଏମଏସପି ୨୯୩୦ ଟଙ୍କା ଦିଅନ୍ତୁ । ଆଗକୁ ପଞ୍ଜାବ ଓ ଉତ୍ତର ପ୍ରଦେଶରେ ନିର୍ବାଚନ ଆସୁଥିବାରୁ କେନ୍ଦ୍ର ସରକାର ସେହି ରାଜ୍ୟଗୁଡିକୁ ଖୁସି କରିବାକୁ ଅଣଧାନ ଫସଲ ଦରବୃଦ୍ଧି କରିଥିବା ବେଳେ ଓଡ଼ିଶା ଚାଷୀଙ୍କୁ ହତାଦର କରିଛନ୍ତି ।

ଧାନର ସହାୟକ ମୂଲ୍ୟ ୧୯୪୦ ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଧାନ ସମେତ ଅନ୍ୟାନ୍ୟ ଖରିଫ ଫସଲଗୁଡିକର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ୨୦୨୧-୨୨ ପାଇଁ ଧାନ ଏମଏସପିରେ ୭୨ ଟଙ୍କା ବୃଦ୍ଧି କରାଯାଇଛି । ୨୦୨୦-୨୧ରେ କୁଇଣ୍ଟାଲ ପିଛା ସାଧାରଣ କ୍ରମ ଧାନର ଏମ୍ଏସପି ୧,୮୬୮ ଟଙ୍କା ଥିବାବେଳେ ୨୦୨୧-୨୨ ବର୍ଷ ନିମନ୍ତେ ଏହାକୁ ୧,୯୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । କୁଇଣ୍ଟାଲ ପିଛା ଗ୍ରେଡ ଏ ଧାନର ଏମଏସପି ୧,୮୮୮ ଟଙ୍କାରୁ ୧,୯୬୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

୧୨ ଶହ ଅସହାୟ ପରିବାରକୁ ରାସନ ସାମଗ୍ରୀ ବଣ୍ଟନ କଲା 'ପ୍ରେମ୍'

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ' ତରଫରୁ ରିଲାଏନ୍ସ ଫାଉଣ୍ଡେସନର ସହଯୋଗରେ କରୋନା ଯୋଗୁଁ ବିଭିନ୍ନ ଅସୁବିଧାରେ ଥିବା ୧୨ ଶହ ଅସହାୟ ପରିବାର ବର୍ଗଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକର ଅସୁରବନ୍ଧ ଓ ଗୋପାଳପୁର ଶାସନ ପଞ୍ଚାୟତର ୭୮୦ ପରିବାରକୁ ଏହି ରାସନ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର ମହାନଗର ଆମ୍ବପୁଆ ଓ ପାର୍କସାହିରେ ମଧ୍ୟ ୨ଶହ ପରିବାରକୁ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା ଓ ପ୍ରେମର ସଭାପତି ଡ଼. ଜାକୋବ ଥୁଣ୍ଡିଲଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା । ସେହିପରି ରଙ୍ଗେଇଲୁଣ୍ଡା ବ୍ଲକର ମାଣ୍ଡିଆପଲ୍ଲୀ, ଭାବିନାରାୟଣପୁର, ଓୟୁଏଟି ମସ୍ୟ ମହାବିଦ୍ୟାଳୟ ନିକଟସ୍ଥ କଲେ ।ନି ଏବଂ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ରହୁଥିବା ଅସହାୟ ବିଧବାଙ୍କୁ ମଧ୍ୟ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ପ୍ରକାଶଥାଉକି କରୋନାର ପ୍ରଥମ ଲହର ସମୟରେ ପ୍ରେମ୍ ଅନୁଷ୍ଠାନ ତରଫରୁ ଜାତୀୟ ରାଜପଥରେ ପ୍ରବାସୀମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ ସହ ଅସହାୟଙ୍କୁ ସହାୟତା ଦିଆଯାଇଥିଲା । ଏହି ଅବସରରେ ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ପ୍ରେମର ଲେ ।କ ସମ୍ପର୍କ ଅଧିକାରୀ ରତନ ମିଶ୍ର, ନରେନ୍ଦ୍ର ପଟ୍ଟନାୟକ, ସୁବୋଧ ନାୟକ, ସୁଧୀର କୁମାର ଦିଗାଲ, ସେଲମ୍ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଓଏସ୍ଓୟୁର ଷଷ୍ଠ ପ୍ରତିଷ୍ଠା ଦିବସ

ସମ୍ବଲପୁର : ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଅନଲାଇନ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନର ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟ ଅତିଥି ଓ ଯସୱନ୍ତ ରାଓ ଚଭନ୍ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇ. ଭାୟୁନନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଏସ୍ଓୟୁର କୁଳପତି ଅର୍କ କୁମାର ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ କରିଥିଲେ । ଏଥିସହ ଓଏସ୍ଓୟୁର ବିଭିନ୍ନ କାର୍ଯ୍ୟକଳାପ, ହାସଲ କରିଥିବା ସଫଳତା ଓ ଆଗକୁ ଓଏସ୍ଓୟୁ କେଉଁ ସବୁ କାମ କରିବାକୁ ଯାଉଛି ସେହି ବିଷୟ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ୨୦୪୦ ସୁଦ୍ଧା ନାମଲେଖାକୁ ୩୪ ହଜାର ରୁ ୧୪ ଲକ୍ଷକୁ କେମିତି ବୃଦ୍ଧି ହେବ ତାହା କହିଥିଲେ । ୟୁନିଭର୍ସଟିର ରେଜିଷ୍ଟ୍ରାର ଡକ୍ଟର ମାନସ ରଞ୍ଜନ ପୁଜାରୀ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ । ଏହି ଅବସରରେ ଓଏସ୍ଓୟୁର ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟସୱନ୍ତ ରାଓ ଚାଭାନ୍ ମୁକ୍ତ ବିଶ୍ୱବିଦ୍ୟାଳୟ ନାସିକ, ନେତାଜୀ ସୁଭାଷ ମୁକ୍ତ ବିଶ୍ୱବିଦ୍ୟାଳୟ କୋଲକାତା ଓ ଇନଷ୍ଟିଚ୍ୟୁଟ୍ ଅଫ କମ୍ପାନୀ ସେକ୍ରେଟାରୀ ଅଫ ଇଣ୍ଡିଆ ଦିଲ୍ଲୀ ସହିତ ଏକାଡେମିକ ସହଯୋଗ ପାଇଁ ତିନିଟି ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା । ଶେଷରେ ଓଏସ୍ଓୟୁର ଫାଇନାନ୍ସ କମ୍ପଟ୍ରୋଲର ନଳିନୀ ରଞ୍ଜନ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ ।

ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

Subscription Rate of The Sweekar

Life Member	-	Rs.5000.00
Annual	-	Rs. 500.00
Half-yearly	-	Rs. 250.00
Quarterly	-	Rs. 120.00

Advertisement Tariff of The Sweekar

Full Page	-	Rs. 2,00,000.00
Half Page	-	Rs. 1,00,000.00
Quarter Page	-	Rs. 50,000.00

Colour Advertisement - 100% Extra

ଏମସିଏଲରେ ୨୬ କୋଟିର ଗ୍ରୀନ୍ ଆନେକ୍ସ ଅଟ୍ଟାଳିକାର ଶିଳାନ୍ୟାସ

ବୁର୍ଲା: ଏମ୍‌ସିଏଲ୍ ସିଏମ୍‌ଡି ପିକେ ସିହ୍ନା ଏହାର ମୁଖ୍ୟାଳୟରେ ୨୬ କୋଟି ଟଙ୍କା ବ୍ୟୟରେ ଏକ ଗ୍ରିନ୍ ଆନେକ୍ସ ବିଲଡିଂ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଜାଗୃତି ବିହାର କ୍ୟାମ୍ପସରେ ଥିବା ଏମ୍‌ସିଏଲ୍‌ର ମୁଖ୍ୟ ପ୍ରଶାସନିକ କୋଠାର ଏହା ଏକ ପରିବର୍ଦ୍ଧିତ ପ୍ରାସାଦ ହେବ । ଏହାର ଛାତ ଉପରେ ସୌର ବିଦ୍ୟୁତ୍ ପ୍ୟାନେଲ ଓ ବର୍ଷା ଜଳ ଉପ ଯୋଗର ବ୍ୟବସ୍ଥା ରହିବ । ଏହି କୋଠା ପାଇଁ ୨୫.୯୨ କୋଟି ଟଙ୍କାର ବ୍ୟୟ ଅଟ୍‌କଳ କରାଯାଇଛି । ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି କୋଠାରେ ୨୦୭ ଜଣ କର୍ମଚାରୀ କାମ କରି ପାରିବେ । ଶିଳାନ୍ୟାସ ପରେ ସିଏମଡି ଶ୍ରୀ ସିହ୍ନା ନିର୍ଦ୍ଦେଶକ ଓ.ପି ସିଂହ, କେଶବ ରାଓ, ବବନ ସିଂ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲଙ୍କ ସହ ନୂଆ ପ୍ରକଳ୍ପ କଂପ୍ଲେକ୍ସରେ ଚାରାରୋପଣ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ମୋଡରେ ବୁର୍ଲାରେ ଅକ୍ସିଜେନ୍ ପ୍ଲାଣ୍ଟର ଶିଳାନ୍ୟାସ

ବୁର୍ଲା : ବୁର୍ଲା କୋଭିଡ ହସ୍ପିଟାଲ ୨ରେ ଏକ ଅକ୍ସିଜେନ୍ ପ୍ଲାଣ୍ଟ ପାଇଁ ଭର୍ଚୁଆଲ୍ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି । ଏହି ଅକ୍ସିଜେନ୍ ପ୍ଲାଣ୍ଟଟି ୧୩ କିଲୋ ଲିଟରର ୨ଟି ୟୁନିଟ୍ ସଂରକ୍ଷଣ କ୍ଷମତା ବିଶିଷ୍ଟ ରହିଥିବା ବେଳେ ପ୍ରତି ମିନିଟରେ ୬ ଶହ ଲିଟର ଉତ୍ପାଦନ କ୍ଷମତା ଥିବା ଜଣାପଡିଛି । ବର୍ତ୍ତମାନ କେବଳ କୋଭିଡ ହସ୍ପିଟାଲ-୨ର ଆଇସିୟୁରେ ଥିବା ୫୦ଟି ଶଯ୍ୟାକୁ ଏଥିରୁ ଅକ୍ସିଜେନ୍ ସଂଯୋଗ କରାଯିବ ।

ଏହି ଭର୍ଚୁଆଲ୍ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ୫ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ତଥା ସିଡିଏମ୍‌ଓ ଉପସ୍ଥିତ ଥିଲେ ।

ଭିମସାରରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ଜିଲ୍ଲାପାଳ ଶୁଭମ ସକ୍ସେନା, ଏସପି ବି. ଗଙ୍ଗାଧରଙ୍କ ସମେତ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଲଳିତ ମେହର, ମେଡିକାଲ ଅଧକ୍ଷ ଡାକ୍ତର ଜୟଶ୍ରୀ ଦୋରା, ମେଡିକାଲ ଅଧୀକ୍ଷକ ଡାକ୍ତର ଲାଲମୋହନ ନାୟକ, କୋଭିଡ ନୋଡାଲ ଅଫିସର ଡାକ୍ତର ସୁଦର୍ଶନ ପୋଥାଲଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ବିଷ୍ଣୁପଦ ସେଠୀଙ୍କ କବିତା ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର : ବରିଷ୍ଠ ପ୍ରଶାସକ ବିଷ୍ଣୁପଦ ସେଠୀଙ୍କ ଇଂରାଜୀ କବିତା ପୁସ୍ତକ 'ବିୟଣ୍ଡ ହିୟର ଆଣ୍ଡ ଆଦର୍ସ ପୋଏମସ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି । ଏଥିରେ ଶ୍ରୀ ସେଠୀଙ୍କ ୬୧ ଟି କ୍ଷୁଦ୍ର କବିତା ସ୍ଥାନ ପାଇଛି । ଏହି କବିତାଗୁଡିକ ଜୀବନର ଅନୁଭୂତି, ମୃତ୍ୟୁର ଉପଲବ୍ଧି ଓ ଦାର୍ଶନିକ ଅନୁଧ୍ୟାନର ଏକ ପ୍ରତିଫଳନ । ମୋଟ୍ ଉପରେ କହିଲେ ଏହି ପୁସ୍ତକ ଏକ ଯାତ୍ରା ଯାହା କି ଜୀବନର ଅସଂଖ୍ୟ ପ୍ରକାର ଭେଦ ଓ ତାହା ପରର ଅଜ୍ଞାତ ଜଗତକୁ ଖୋଜିବାକୁ ଚେଷ୍ଟା କରିଛି । ନୂଆଦିଲ୍ଲୀର ହର ଆନନ୍ଦ ପବ୍ଲିକେସନ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ବିଶିଷ୍ଟ କବି ହରପ୍ରସାଦ ଦାସ । ୧୬୧ ପୃଷ୍ଠା ବିଶିଷ୍ଟ ଏହି ବହିର ପ୍ରଚ୍ଛଦ ଆଙ୍କିଛନ୍ତି ବିଶିଷ୍ଟ ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ । ଶ୍ରୀ ସେଠୀ ସମ୍ପ୍ରତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟରତ । ଏହା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଳାଉଛନ୍ତି । ଜଣେ ଉଚ୍ଚକୋଟୀର ସାରସ୍ୱତ ସ୍ରଷ୍ଟା ଭାବେ ସେ ପରିଚିତ ।

'ସମ୍ବଳ' ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଉଦଘାଟିତ

ସମ୍ବଲପୁର: ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳ ଓ ପୂର୍ବତନ ଛାତ୍ର ସଂଘ ଭିସୁଟ ବୁର୍ଲାର ମିଳିତ ଉଦ୍ୟମରେ ଅକ୍ସିଜେନ ବ୍ୟାଙ୍କ ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ଗୌରୀ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଷେତରାଜପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ । ପୂର୍ବତନ ଛାତ୍ର ସଂଘ ଭିସୁଟ ବୁର୍ଲା ୧୦ ଟି ଓ ସମ୍ବଳ ପକ୍ଷରୁ ୨ ଟି ଅକ୍ସିଜେନ ସିଲିଣ୍ଡରକୁ ନେଇ ଏହି ବ୍ୟାଙ୍କ ଗଠିତ ହୋଇଛି । ଏହା 'ସମ୍ବଳ' ଦ୍ୱାରା ପରିଚାଳିତ ହେବ । ମାଗଣାରେ ରୋଗୀଙ୍କୁ ଏହି ସେବା ଯୋଗାଇ ଦିଆଯିବ । ଉଦଘାଟନୀ କାର୍ଯ୍ୟକ୍ରମରେ ସବଇନ୍ସପେକ୍ଟର ଅଭିମନ୍ୟୁ ଭିତିରିଆ, ଉପଦେଷ୍ଟା ଶ୍ରୀବତ୍ସ ପଣ୍ଡା, ସମ୍ବଳ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ତ୍ରିପାଠୀ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ସହ ସମ୍ପାଦକ ଶମ୍ଭୁ ପଟେଲ, ଅରୁଣ କୁମାର ଅଜାଡିଓ୍ୱାଲ, ସଂଯୋଜକ ରାମଦାସ ପଣ୍ଡା, ହିମାଂଶୁ ଶେଖର ପାଣିଗ୍ରାହୀ ଓ ଭିସୁଟ ବୁର୍ଲା ଅଜିତେଶ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

ଝାରସୁଗୁଡ଼ା କୋଭିଡ ହସ୍ପିଟାଲରେ ୨୦ ଆଇସିୟୁ ଯୁକ୍ତ ଶଯ୍ୟା ଲୋକାର୍ପିତ

ଝାରସୁଗୁଡ଼ା: ଝାରସୁଗୁଡ଼ା କୋଭିଡ ହସ୍ପିଟାଲରେ ୨୦ ଆଇସିୟୁ ଯୁକ୍ତ ଶଯ୍ୟା ସହିତ ୪୦ ଅକ୍ସିଜେନ୍ ପାଇପଲାଇନ ଯୁକ୍ତ ଶଯ୍ୟାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଭର୍ଚୁଆଲ ମିଟିଂ ଜରିଆରେ ଲୋକାର୍ପିତ କରିଛନ୍ତି । ଏହା ସହିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଏକ ଆଇସିୟୁ ଯୁକ୍ତ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠି ଅର୍ଥ ବିନିଯୋଗରେ ଏସବୁ କାର୍ଯ୍ୟ କରାଯାଇଛି । ଭର୍ଚୁଆଲ ମିଟିଂରେ ବିଧାୟକ କିଶୋର ମହାନ୍ତି, ଜିଲ୍ଲାପାଳ ସରୋଜ ସାମଲ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ ଓ ଭିଏସଏସ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।

ବ୍ଲକବାସୀଙ୍କ ଟିକାକରଣ ଉପରେ ବିଧାୟକଙ୍କ ଗୁରୁତ୍ୱ

ଝାରସୁଗୁଡ଼ା: ଲଖନପୁର ପଞ୍ଚାୟତ ସମିତିର ବୈଠକ ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ବିଧାୟକ କିଶୋର ମହାନ୍ତି, ଜିଲ୍ଲା ପରିଷଦ

ଉପାଧକ୍ଷା ପଙ୍କଜିନି ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସାମଲ ନାୟକ, ସାଂସଦ ପ୍ରତିନିଧି ସୁଦାମ ପଧାନ, ବିଡିଓ ସଞ୍ଜୀବ ପଟେଲ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡାକ୍ତର ବୈକୁଣ୍ଠ ନାଥ କଶ୍ୟପ, ସହକାରୀ ନିର୍ବାହୀ ଯନ୍ତ୍ରୀ ହରିବନ୍ଧୁ ସାହୁ, ଏବିଇଓ ସୁରେଶ ନାୟକଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଏବଂ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

ଡିଏଫଓ ସନ୍ତୋଷ ବନଛୁରଙ୍କ ପରଲୋକ

ଭୁବନେଶ୍ୱର: ଭାରତୀୟ ବନ ସେବା ଅଧିକାରୀ ସନ୍ତୋଷ କୁମାର ବନଛୁର (୫୫)ଙ୍କ ପରଲୋକ ହୋଇଯାଇଛି । ସେ ତାଙ୍କ ସ୍ତ୍ରୀ ଓ ଦୁଇଟି ଝିଅକୁ ଛାଡି ଯାଇଛନ୍ତି । କରୋନାରେ ଆକ୍ରାନ୍ତ ହୋଇ ଗତ ମାସ ୯ ତାରିଖରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେ ବନ୍ୟପ୍ରାଣୀ ପିସିସିଏଫଙ୍କ କାର୍ଯ୍ୟାଳୟରେ ଉପ ବନସଂରକ୍ଷକ ବା ଡିସିଏଫ୍ ଭାବେ କାର୍ଯ୍ୟରତ ଥିଲେ । ପୂର୍ବରୁ ସେ ସମ୍ବଲପୁର, ବଣେଇ ଓ ରେଢ଼ାଖୋଲ, ଜଙ୍ଗଲ ଡିଭିଜନର ଡିଏଫଓ ରୂପେ କାର୍ଯ୍ୟ କରିଥିଲେ । ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଅଞ୍ଚଳର ସେ ବନ ସେବା ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଜଣେ ଜନପ୍ରିୟ ଅଧିକାରୀ ରୂପେ ଜଙ୍ଗଲ ବିଭାଗ କର୍ମଚାରୀ ମହଲରେ ଖ୍ୟାତି ଅର୍ଜନ କରିଥିଲେ ।

ସମ୍ବଲପୁର ପୁଲିସ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର: ସ୍ଥାନୀୟ ରିଜର୍ଭ ପୁଲିସ ଲାଇନରେ ମୋ ସରକାର ୫ଟି ସେଲ ଦ୍ୱାରା ଆରକ୍ଷୀ ଅଧକ୍ଷକ ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ଆନୁଷାନିକ ଭାବରେ ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଅମରେଶ ପଣ୍ଡା ଉଦଘାଟନ କରିଥିଲେ । ବୁର୍ଲା ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ ।

ଉତ୍ତରାଞ୍ଚଳ ଡିଆଇଜି ହେଲେ ଦୀପକ କୁମାର

ସମ୍ବଲପୁର: ଉତ୍ତରାଞ୍ଚଳ ପୁଲିସ ରେଞ୍ଜର ଆଇଜି ଭାବରେ କାର୍ଯ୍ୟରତ ଆଇପିଏସ୍ ନରସିଂହ ଭୋଳଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଭାବରେ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡକ୍ଟର ଦୀପକ କୁମାରଙ୍କୁ ଉତ୍ତରାଞ୍ଚଳ ଡିଆଇଜି ଦାୟିତ୍ୱ ପ୍ରଦାନ କରାଯାଇଛି । ଡକ୍ଟର କୁମାର ପୂର୍ବରୁ ଉତ୍ତରାଞ୍ଚଳ ରେଞ୍ଜର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରିଛନ୍ତି ।

କରୁଣାକର ସାହୁଙ୍କ ପରଲୋକ

ଭୁବନେଶ୍ୱର : ବିଶିଷ୍ଟ ମହିମା ଧର୍ମ ପ୍ରଚାରକ କରୁଣାକର ସାହୁଙ୍କ ୮୯ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ୧୯୩୨ ମସିହାରେ କଟକ ଜିଲ୍ଲା ଆଠଗଡ ତହସିଲର ରଘୁନାଥପୁର ପାଟଣା (ଯାଗିଆପଡ଼ା)ରେ ଜନ୍ମିତ ଶ୍ରୀ ସାହୁ ୧୯୬୬ ମସିହାରେ ମହିମା ଧର୍ମ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ୧୯୬୭ ରେ ବ୍ରହ୍ମା ବଧୁତ ବିଶ୍ୱନାଥ ବାବାଙ୍କ ଠାରୁ ମହିମା ଧର୍ମ ଦୀକ୍ଷା ଗ୍ରହଣ କରିଥିଲେ । ସରକାରୀ ଚାକିରୀରୁ ୧୯୯୦ ମସିହାରେ ଅନୁଶାସନ ସଚିବ ପଦବୀରୁ ଅବସର ଗ୍ରହଣ କରିବା ପରେ ମହିମା ଧର୍ମ ଦର୍ଶନ ବିଶୁଦ୍ଧାଦ୍ୱୈତ ବ୍ରହ୍ମବାଦକୁ ଆଧାର କରି ସ୍ତୁତି ଭଜନ, ଜଣାଣ ଓ ଚୌତିଶା ଆଦି ପନ୍ଦର ଖଣ୍ଡ ପୁସ୍ତକ ରଚନା କରିଥିଲେ । ସ୍ୱର୍ଗତ ସାହୁ ନିକଟରେ କେନ୍ଦ୍ର ସରକାରଙ୍କ ଡାକ ବିଭାଗର ସଚିବ ପଦବିରୁ ଅବସର ଗ୍ରହଣ କରିଥିବା ଶ୍ରୀ ପି.କେ. ବିଶୋଇଙ୍କର ଶଶୁର ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra